# ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ମହିଳାଙ୍କ ବିକ୍ଷୋଭ

ଅନୁଗୋଳ,୧୦।୩(ସମିସ)




ଆଜି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ, ଅନୁଗୋଳ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ମହିଳାମାନଙ୍କୁ ଏକ ବିକ୍ଷୋଭ କରାଯାଇଛି।

ନାରୀ ଓ ଶିଶୁ ନିର୍ଯାତନା ବନ୍ଦ କରିବା, ଜସ୍ମିନ୍ ସେଠ ହତ୍ୟାକାଣ୍ଡରେ ସମ୍ପୃକ୍ତ ସମସ୍ତ ଅପରାଧୀଙ୍କୁ ଅବିଳମ୍ବେ ଗିରଫ କରିବା, ଟେଟ୍ରାପ୍ୟାକ ମଦ ସମ୍ପୂର୍ଣ୍ଣ ବନ୍ଦ କରିବା, ମଦ ଡ୍ରଗ୍ସ ସମେତ ସମସ୍ତ ମାଦକଦ୍ରବ୍ୟକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ଛାତ୍ରୀ, ଶିଶୁ ଓ ନାରୀଙ୍କୁ ଚାଲାଣ, ଦୁଷ୍କର୍ମ ଓ ହତ୍ୟା ବନ୍ଦ କରିବା, ଛାତ୍ରୀ, ଶିଶୁ ଓ ନାରୀମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ନାରୀ ନିର୍ଯାତନାକାରୀଙ୍କୁ କଠୋର ଶାସ୍ତି ଦେବା, ଇଣ୍ଟରନେଟ୍ ସମେତ ସମସ୍ତ ଗଣମାଧ୍ୟମରେ ଅଶ୍ଳୀଳତା, ନଗ୍ନତା, ଯୌନ ବ୍ୟଭିଚାର, ଅପରାଧ ପ୍ରବଣତାର ପ୍ରଚାର ପ୍ରସାର ବନ୍ଦ କରିବା, ପାଚିକା- ସହାୟିକା, ଆଶା, ଅଙ୍ଗନବାଡ଼ି ଆଦି ଶ୍ରମିକମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, କର୍ମଜୀବୀ ମହିଳାମାନଙ୍କ ପାଇଁ ନାଇଟ ସିଫ୍ଟ କାମ ବାତିଲ କରିବା, ଲକ୍ଷ୍ମୀ ବସ ଭଡ଼ା ବୃଦ୍ଧି ପ୍ରତ୍ୟାହାର କରିବା, ଶିକ୍ଷାନୁଷ୍ଠାନରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପାଇଁ ଜୁଡୋ, କରାଟେ ଆଦି ଶିକ୍ଷା ପ୍ରଦାନ କରିବା, ପିରେପେଡ୍ ସ୍ମାର୍ଟ ମିଟର ଲଗାଇବା ବନ୍ଦ କରିବା ପ୍ରଭୃତି ଦାବିରେ ଏହି ବିକ୍ଷୋଭ କରାଯାଇଛି।

ବିକ୍ଷୋଭ ପୂର୍ବରୁ ଶତାଧିକ ମହିଳା ସ୍ଥାନୀୟ ଗୋପବନ୍ଧୁ ପାର୍କ ଠାରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ଜିଲ୍ଲା ସମ୍ପାଦିକା ମାନସୀ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସଂଗଠନର ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ, ଜିଲ୍ଲା ଉପସଭାନେତ୍ରୀ ପ୍ରମିଳା ପଣ୍ଡା, ସଂଗଠିକା ମିନତୀ ସାମଲ, ପ୍ରଗତିବାଳା ନାୟକ, ପଙ୍କଜିନୀ ସିଂହ, ଜେମାମଣି ନାଏକ, ବବିତା ସାହୁ, ସୁକାନ୍ତି ପ୍ରଧାନ, ବିନତୀ ସାହୁ, ପ୍ରତିମା ବେହେରା, ନିର୍ମଳା ପ୍ରଧାନ, ଜମ୍ବୁବତୀ ସାହୁ, ଲକ୍ଷ୍ମୀ ଭୋଇ, ମିନାକ୍ଷୀ ବେହେରା ପ୍ରମୁଖ ବକ୍ତବ୍ୟଦେଇ ସରକାର ନାରୀ ସୁରକ୍ଷା ନାଁରେ ସୁଭଦ୍ରା ଯୋଜନାର ଭେଳିକି ଦେଖାଉଥିବାବେଳେ ଦିନକୁ ଦିନ ନାରୀ, ଶିଶୁକନ୍ୟା ଉପରେ ନିର୍ଯାତନା, ଗଣଧର୍ଷଣ, ହତ୍ୟା ବଢ଼ି ଚାଲିଛି ବୋଲି ପ୍ରକାଶ କରିଥିଲେ। ମଦ ଓ ମାଦକଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ କରିବା ବଦଳରେ ଟେଟ୍ରା ପ୍ୟାକ୍ ମଦ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ଘୋଷଣା ଚରମ ନାରୀ ସୁରକ୍ଷା ବିରୋଧୀ ଓ ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟକଳାପର ପରିପ୍ରକାଶ ବୋଲି ସେମାନେ ଅଭିଯୋଗ କରିଥିଲେ। ଜିଲ୍ଲାରେ ବୃଦ୍ଧି ପାଉଥିବା ନାରୀ ଓ ଶିଶୁକନ୍ୟା ଉପରେ ନିର୍ଯାତନା ବନ୍ଦ ପାଇଁ କଠୋର ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ। ବିକ୍ଷୋଭ ସ୍ଥଳରୁ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହିତ କଣିହାଁ ବ୍ଲକର ବିଜିଗୋଳ ଗ୍ରାମର ନାବାଳିକା ରୂପାଲି ନାଏକ ଦୁଷ୍କର୍ମ ଓ ହତ୍ୟା ଘଟଣାର ଅଭିଯୁକ୍ତକୁ କଠୋର ଶାସ୍ତି ପାଇଁ ଦାବି କରିଥିଲେ। ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନର ନେତ୍ରୀ ପ୍ରମିଳା ପଣ୍ଡା, ମିନତୀ ସାମଲ, ପ୍ରଗତିବାଳା ନାୟକଙ୍କ ସମେତ ମୃତ ନାବାଳିକାର ବାପା ମଙ୍ଗୁଲୁ ନାଏକ ଏବଂ ମାଆ ମମତା ନାଏକ ପ୍ରମୁଖ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ଘଟଣାକୁ ପୁଲିସ ପ୍ରଶାସନ ପକ୍ଷରୁ ଗୁରୁତ୍ୱଦେଇ ସମସ୍ତ ପ୍ରମାଣ ସଂଗ୍ରହ କରାଯାଉଛି ଏବଂ ଅଭିଯୁକ୍ତ ଯେପରି କଠୋର ଦଣ୍ଡ ପାଇବ ସେଥିପାଇଁ ଆମେ ପଦକ୍ଷେପ ଗ୍ରହଣ କରୁଅଛୁ ବୋଲି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜଣାଇଛନ୍ତି।

## ୨ ମାସ ହେଲା ଦରମା ପାଇନାହାନ୍ତି ଅଙ୍ଗନବାଡ଼ି କର୍ମୀ, ସହାୟିକା

କିଶୋରନଗର,୧୦।୩(ସମିସ): କିଶୋରନଗର ବ୍ଲକ୍‌ରେ କାର୍ଯ୍ୟରତ ସମସ୍ତ ଅଙ୍ଗନବାଡ଼ି କର୍ମୀ ଓ ହେଲପର ଦୁଇମାସ ହେଲା ଦରମା ନ ପାଇ ହନ୍ତସନ୍ତ ହେଉଛନ୍ତି। ପ୍ରକାଶ ଯେ ଏହି ବ୍ଲକ୍‌ର କାର୍ଯ୍ୟରତ ୧୫୨ ଜଣ ଅଙ୍ଗନବାଡ଼ି କର୍ମୀ ଓ ୧୫୬ ଜଣ ହେଲପର ସ୍ୱଳ୍ପ ଦରମାରେ ଚଳୁଥିବାବେଳେ ଗତ ଜାନୁୟାରୀ ଓ ଫେବୃଆରୀ ମାସର ଦରମା ଏ ଯାଏଁ ପାଇନାହାନ୍ତି। ଏଥିସହ ପିଲାମାନଙ୍କୁ ଦିଆଯାଉଥିବା ପୁଷ୍ଟିକର ଖାଦ୍ୟ ସାମଗ୍ରୀ କିଣାଯାଉଥିଲେ ମଧ ଖର୍ଚ୍ଚ ହୋଇଥିବା ଅର୍ଥ ଠିକ୍ ସମୟରେ ମିଳୁନାହିଁ। ଏଥି ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଗାଡ଼ି ଧକ୍କାରେ ଜଣେ ମୃତ

ବଇଣ୍ଡା,୧୦।୩(ସମିସ): ଅନୁଗୋଳ ଜିଲ୍ଲା ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ନାକିଚି ନିକଟରେ ଏକ ଗାଡ଼ି ଧକ୍କାରେ କଣିହାଁ ଥାନା ଲୁହାମରା ଗ୍ରାମର ମୁନା ବେହେରାଙ୍କର ମୃତ ହୋଇଥିବା ତାଙ୍କ ଭାଇ ରଣଜିତ ବେହେରା ହଣ୍ଡପା ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ନମ୍ବର ୧୦୧/୨୬ ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ଏକ ବାହାଘର ର ବରଯାତ୍ରୀ ରେ ମୂନା ଯାଇଥିବା ବେଳେ ନାକିଚି ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବାବେଳେ ଏକ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ପରେ ସେ ଗୁରୁତର ହୋଇ ପଡିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ କିଶୋରନଗର ମେଡିକାଲ ରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କର ସେଠାରେ ମୃତ ହୋଇଥିଲା।

## ପାଣ୍ଡୁରୀପଥରରେ କଳସ ଶୋଭାଯାତ୍ରା



କିଶୋରନଗର,୧୦।୩(ସମିସ): କିଶୋରନଗର ବ୍ଲକ୍ ଧଉରାପାଲ୍ଲୀ ପଞ୍ଚାୟତର ପାଣ୍ଡୁରୀପଥର ଅଭିରାମ ମଠରେ ଆସନ୍ତା କାଲି ହେବାକୁ ଥିବା ଶ୍ରୀଶ୍ରୀ ଅଭିରାମ ପରମହଂସଙ୍କ ୫୧ ତମ ବାର୍ଷିକ ଉତ୍ସବ ଉପଲକ୍ଷେ ଆଜି ଅପରାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ବ୍ଲକ୍ ନିକଟସ୍ଥ ନଈରୁ ଘାଟପୂଜା ପରେ କଳସରେ ପାଣି ଆଣି ଢୋଲବାଦ୍ୟ ସଙ୍କୀର୍ତ୍ତନର ତାଳେତାଳେ ଶୋଭାଯାତ୍ରାରେ ସହର ଓ ଗ୍ରାମ ପରିକ୍ରମା କରାଯାଇ ପୂଜାମଣ୍ଡପରେ ସ୍ଥାପନ କରାଯାଇଥିଲା। ଏହି ଶୋଭାଯାତ୍ରାରେ କମିଟିର ସଭାପତି ବୀରେନ କୁମାର ତ୍ରିପାଠୀ, ବିପଦ ପ୍ରଧାନ, ଭୁବନ ପ୍ରଧାନ, ଅଶୋକ ପ୍ରଧାନ, ଲୁଚନ ସ୍ୱାଇଁ, ନବୀନ ସାହୁ, ଆନନ୍ଦ ପ୍ରଧାନ, ଟୁନା ସାହୁ, ପ୍ରମୋଦ ସ୍ୱାଇଁ, ଗଈ ସାହୁଙ୍କ ସମେତ ଗ୍ରାମବାସୀ ସାମିଲ ଥିଲେ।

# ଅନୁଗୋଳର ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ପ୍ରଶିକ୍ଷାର୍ଥୀଙ୍କ ପାଇଁ ବରଦାନ ହେବ




ଅନୁଗୋଳ,୧୦।୩ (ସମିସ): ୮ ଟି ଜିଲ୍ଲାର ୨୦ ଟି ଷ୍ଟଡି ସେଣ୍ଟରର ୧୬,୮୯୯ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଅନୁଗୋଳ ଶାଖା ଏବେ ବରଦାନ ସାଜିଛି। ଚାକିରିଆ, ଗୃହିଣୀ କିବା ଅନ୍ୟ ଛାତ୍ରଛାତ୍ରୀ ଏହି ଆଞ୍ଚଳିକ କେନ୍ଦ୍ରରୁ ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ପାଠ ପଢ଼ି ସଫଳତା ପାଇଛନ୍ତି। ଆଜି ଏଥିନେଇ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର, ଅନୁଗୋଳର ଆଞ୍ଚଳିକ ନିର୍ଦ୍ଦେଶକ ଡଃ ଅଭିଲାଷ ନାୟକଙ୍କ ପ୍ରକୋଷ୍ଠରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଗୋଳର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ବସନ୍ତ କିଶୋର ସାହୁ, ଡଃ ଶ୍ରୁତିରୂପା ପଣ୍ଡା, (ଅନୁଗୋଳ) ଓ ଡଃ ଦଧିବାମନ ପ୍ରଧାନ ଆଞ୍ଚଳିକ କେନ୍ଦ୍ରସ୍ଥିତ ଶିକ୍ଷାର୍ଥୀ ସହାୟତା କେନ୍ଦ୍ରରେ ଯୋଗ ଦେଇଥିଲେ। ଏହି ସଭାରେ ଜାନୁଆରୀ ୨୦୨୬ ଅଧିବେଶନରେ ନାମାଙ୍କନ ସ୍ଥିତି, ବିଭିନ୍ନ ପଛୁଆ ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ସୁବିଧା, ଆରମ୍ଭ ହୋଇଥିବା ନୂତନ କାର୍ଯ୍ୟକ୍ରମ, ବିଦ୍ୟମାନ ଶିକ୍ଷାର୍ଥୀ ସହାୟତା କେନ୍ଦ୍ରଗୁଡ଼ିକରେ ନୂଆ କାର୍ଯ୍ୟକ୍ରମ ଆରମ୍ଭ କରିବା, ପୁରୁଣା ଶିକ୍ଷାର୍ଥୀ ସହାୟତା କେନ୍ଦ୍ରଗୁଡ଼ିକର ପୁନରୁଦ୍ଧାର, ଅପହଞ୍ଚ ସ୍ଥାନରେ ନୂତନ ଶିକ୍ଷାର୍ଥୀ ସହାୟତା କେନ୍ଦ୍ର ପ୍ରତିଷ୍ଠା, ଜୁନ୍ ୨୦୨୬ରେ ଅବଧି ଶେଷ ପରୀକ୍ଷା ଏବଂ ବିଇଡି ଏବଂ ବିଏସ୍‌ସି ନର୍ସିଂର ପ୍ରବେଶ ପରୀକ୍ଷା, ଆଞ୍ଚଳିକ କେନ୍ଦ୍ର କୋଠା ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ଆଞ୍ଚଳିକ କେନ୍ଦ୍ରକୁ ଏକ ଏକର ଜମି ଆବଣ୍ଟନ ଏବଂ ଆଗାମୀ ୩୯ ତମ ସମାବର୍ତ୍ତନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମ୍ବଲପୁରର ଜି.ଏମ୍. ବିଶ୍ୱବିଦ୍ୟାଳୟ, ବଣାଇଗଡ଼ କଲେଜ, ବଣାଇଗଡ଼, ରାଇରଙ୍ଗପୁରର ଡାଲମିଆ କଲେଜ ଏବଂ ଛେଣ୍ଡିପଦାର ବାପୁଜୀ କଲେଜରେ ଶିକ୍ଷାର୍ଥୀ ସହାୟତା କେନ୍ଦ୍ରର ପୁନରୁଦ୍ଧାର ପାଇଁ ମଧ ପଦକ୍ଷେପ ନିଆଯାଇଛି ବୋଲି ସୂଚନା ଦିଆଯାଇଥିଲା। ଝାରସୁଗୁଡ଼ାର ଏଲ୍‌ଏନ୍ କଲେଜ ଏବଂ ଭୁକ୍ତାର ଏମ୍‌ଜି କଲେଜରେ ନୂତନ ଶିକ୍ଷାର୍ଥୀ ସହାୟତା କେନ୍ଦ୍ର ପ୍ରତିଷ୍ଠା କରାଯାଉଛି। ପରୀକ୍ଷା ବିଷୟରେ ଆଲୋଚନା କରିବା ସମୟରେ ସେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ଯେ ବିଇଡି ୨୦୨୭ ପ୍ରବେଶିକା ପରୀକ୍ଷା ଏବଂ ଅବଧି ଶେଷ ପରୀକ୍ଷା, ଜୁନ ୨୦୨୬ ପାଇଁ ୧୧ ଟି କେନ୍ଦ୍ର ପ୍ରତିଷ୍ଠା କରାଯାଇଛି। ସେ ଜିଲ୍ଲା ପ୍ରଶାସନକୁ ଆଞ୍ଚଳିକ କେନ୍ଦ୍ରର କାର୍ଯ୍ୟାଳୟ କୋଠା ନିର୍ମାଣ ପାଇଁ ଆଞ୍ଚଳିକ କେନ୍ଦ୍ରକୁ ଗୋଟିଏ ଏକର ଜମି ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇଥିଲେ। ଶେଷରେ, ସେ ସୂଚନା ଦେଇଥିଲେ ଯେ ୨୦୨୨ରେ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠା ହେବା ଦିନଠାରୁ ପ୍ରଥମ ଥର ପାଇଁ ଅନୁଗୋଳରେ ୩୯ତମ ସମାବର୍ତ୍ତନ ଉତ୍ସବ ଖୁବ୍ ଶୀଘ୍ର ଅନୁଷ୍ଠିତ ହେବ ଏବଂ ସର୍ବଭାରତୀୟ ସ୍ତରରେ ୩୨୪୮୩୫ ଜଣଙ୍କ ମଧ୍ୟରୁ ୧୮୫୩ ଜଣ ଶିକ୍ଷାର୍ଥୀ ଅନୁଗୋଳରେ ୩୯ତମ ସମାବର୍ତ୍ତନରେ ଡିଗ୍ରୀ ଗ୍ରହଣ କରିବେ ବୋଲି ସୂଚନା ଦିଆଯାଇଥିଲା।

## ବିଦ୍ୟାଳୟରେ ନିଶାମୁକ୍ତ ଭାରତ ସଚେତନତା କାର୍ଯ୍ୟକ୍ରମ



କଣିହାଁ,୧୦।୩(ସମିସ): କଣିହାଁ ବ୍ଲକ୍ ରେଙ୍ଗାଳି ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନିଶାମୁକ୍ତ ଭାରତ' ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ଓ ସ୍ପନ୍ଦନ ସଂଗଠନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମାଜରୁ ନିଶାଦ୍ରବ୍ୟର କୁପ୍ରଭାବ ଦୂର କରିବା ଓ ଯୁବପିଢ଼ିଙ୍କୁ ସଚେତନ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି ଅବସରରେ ଯୋଗେଶ୍ୱର ମାଝୀ, ରାମଚନ୍ଦ୍ର ସାହୁ ଓ ମାନସ ରଞ୍ଜନ ସାହୁ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତ ସମାଜ ଗଠନରେ ସଚେତନ ହେବାକୁ ଆହ୍ୱାନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ନିଶାଦ୍ରବ୍ୟର କୁପ୍ରଭାବ ସମ୍ବନ୍ଧରେ ନିଜ ମତାମତ ପ୍ରକାଶ କରିଥିଲେ ଓ ସଚେତନତାର ବାର୍ତ୍ତା ପ୍ରସାର କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## କିଶୋର ନଗର କଲେଜରେ ଆତ୍ମରକ୍ଷା ଶିବିର

କିଶୋରନଗର,୧୦।୩(ସମିସ): କିଶୋର ନଗର ସ୍ନାତକ ମହାବିଦ୍ୟାଳୟରେ ଉଚ୍ଚ ଶିକ୍ଷା ବିଭାଗ ସହାୟତାରେ ବାଳିକାଙ୍କ ପାଇଁ ଉଦ୍ଦିଷ୍ଟ ଆତ୍ମରକ୍ଷା ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶ ଏହାକୁ ଉଦ୍‌ଘାଟନ କରି ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା କୌଶଳ ଶିଖିବା ଜରୁରୀ ବୋଲି କହିଥିଲେ। ଶାରୀରିକ ସ୍ତରରେ ସଶକ୍ତ ରହିବା, ସୁରକ୍ଷା ପ୍ରତି ସଜାଗ ରହିବା ପ୍ରତ୍ୟେକ ଛାତ୍ରୀଙ୍କ ପାଇଁ ଆବଶ୍ୟକ ବୋଲି ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ। ଦାୟିତ୍ୱରେ ଥିବା ଅଧ୍ୟାପିକା ବୀଣାପାଣି ସାହୁଙ୍କ ତତ୍ତ୍ୱାବଧାନରେ ଚାଲୁଥିବା ଏହି ଆଠଦିନିଆ ପ୍ରଶିକ୍ଷଣ ଶିବିରରେ ପ୍ରଶିକ୍ଷିକା ରୂପେ ପୂର୍ବତନ ଛାତ୍ରୀ ପ୍ରିୟଦର୍ଶିନୀ ପ୍ରଧାନ ଯୋଗଦେଇ ଜୁଡୋ, କରାଟେର କୌଶଳଗୁଡ଼ିକ ଶିକ୍ଷା ପ୍ରଦାନ କରୁଛନ୍ତି। ଅନ୍ୟତମ ଅତିଥି ରୂପେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ଅଧ୍ୟାପକ ତରଣୀସେନ ସାହୁ, ଅଧ୍ୟାପିକା ରୋଜାଲିନ ପ୍ରଧାନ, ଗ୍ରନ୍ଥାଗାରିକ ଗୋବର୍ଦ୍ଧନ ପ୍ରଧାନ ଯୋଗଦେଇ ଛାତ୍ରୀଙ୍କୁ କୌଶଳ ଶିଖିବାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ।



## ଗାୟତ୍ରୀ ସିଂହଙ୍କୁ ରାଜ୍ୟସ୍ତରୀୟ ସପ୍ତାବରଣ ନାରୀ ପ୍ରତିଭା ସମ୍ମାନ

ଅନୁଗୋଳ,୧୦।୩ (ସମିସ): ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଶ୍ରୀକ୍ଷେତ୍ର ପୁରୀଠାରେ ସପ୍ତାବରଣ ଲେଖିକା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କବୟିତ୍ରି ଲେଖିକା ସମ୍ମେଳନରେ ଆଠମଲ୍ଲିକର ସାହିତ୍ୟିକା ଗାୟତ୍ରୀ ସିଂହଙ୍କୁ ସପ୍ତାବରଣ ନାରୀ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ବହୁ ପ୍ରତିଷ୍ଠିତ ସାହିତ୍ୟିକା ଓ କବୟିତ୍ରୀମାନେ ଯୋଗ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ତଥା ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ, ପୁରୀର ଅଧ୍ୟକ୍ଷା ଡକ୍ଟର ହରପ୍ରିୟ ଦାଶ, ମୁଖ୍ୟ ବକ୍ତା ତଥା ଗବେଷିକା ଡକ୍ଟର ମନସା ଶ୍ରୀଚନ୍ଦନ ରାୟ, ସମ୍ମାନିତ ଅତିଥି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସୁଶ୍ରୀ କ୍ରିଷ୍ଣା ମହାପାତ୍ର, ଶିକ୍ଷାବିତ୍ ଅନ୍ନପୂର୍ଣ୍ଣା ଦେବୀ, ଡକ୍ଟର ସୁଦୀପ୍ତା ମିଶ୍ର, ଲେଖିକା କଳ୍ପନା ମିଶ୍ର, ପ୍ରତିଭା ତ୍ରିପାଠୀ, ବେତାର ଶିଳ୍ପୀ ମଞ୍ଜୁଶ୍ରୀ ମିଶ୍ରଙ୍କ ଉପସ୍ଥିତିରେ ଶ୍ରୀମତୀ ସିଂହଙ୍କୁ ସମ୍ମାନିତ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଗାୟତ୍ରୀ ସିଂହ ସନ୍ଥ କବି ଭୀମଭୋଇ ସାହିତ୍ୟ ପରିଷଦର ରାଜ୍ୟ ସଭାନେତ୍ରୀ ଓ ମାତୃଭୂମି ଶିଶୁ ସାହିତ୍ୟ ମଞ୍ଚର ସଭାନେତ୍ରୀ ଥିବାବେଳେ ଓଡ଼ିଶାର ବହୁ ସାହିତ୍ୟ ଅନୁଷ୍ଠାନ ସହିତ ଜଡ଼ିତ ଅଛନ୍ତି।



## ନିୟନ୍ତ୍ରଣରେ ରହୁନି ସାଇବର ଅପରାଧ, ସର୍ବସ୍ୱାନ୍ତ ହେଉଛନ୍ତି ଜନତା



ତାଳଚେର,୧୦।୩(ସମିସ): ନିୟନ୍ତ୍ରଣରେ ରହୁନି ସାଇବର ଅପରାଧ। ଫଳସ୍ୱରୂପ ସାଧାରଣ ଜନତା ଏହାର ଶିକାର ହୋଇ ସର୍ବସ୍ୱାନ୍ତ ହେଉଛନ୍ତି। ଇଣ୍ଟରପୋଲ୍, ଗ୍ଲୋବାଲ କ୍ରାଇମ୍ ଟ୍ରେଣ୍ଡ ରିପୋର୍ଟ ଏହିପରି ଏକ ତଥ୍ୟ ପ୍ରଦାନ କରିଛି। ଇଣ୍ଟରପୋଲ ଦ୍ୱାରା କରାଯାଇଥିବା ଏକ ସର୍ଭେ ସମୟରେ ଶତକଡ଼ା ପ୍ରାୟ ୬୦ଭାଗ ଉତ୍ତରଦାତା ମତ ଦେଇ କହିଛନ୍ତି ଯେ, କଳାଧନକୁ ଧଳା କରିବା, ଡିଜିଟାଲ ମାଧ୍ୟମରେ ପ୍ରଲୋଭନ ଦେଖାଇ ଲୋକଙ୍କ ଠାରୁ ବିଭିନ୍ନ ବ୍ୟକ୍ତିଗତ ତଥ୍ୟ ହାସଲ କରି ସେମାନଙ୍କ ବ୍ୟାଙ୍କ ଖାତା ଓ ଅନ୍ୟାନ୍ୟ ଉତ୍ସରୁ ଟଙ୍କା ଲୁଟ୍ କରିବା ଏବଂ ବିଭିନ୍ନ ସଫ୍ଟୱେୟାର ମାଧ୍ୟମରେ ଟଙ୍କା ଲୁଟ କରିବା ସବୁଠାରୁ ବଡ଼ ଅପରାଧ ଭାବରେ ଉଭା ହୋଇଛି। ଇଣ୍ଟରନେଟ୍ ବ୍ୟବହାର ଯେତିକି ବଢ଼ିଚାଲିଛି ସେତିକି ବଢ଼ିଛି ସାଇବର ଅପରାଧ। ଯଦିଓ ଇଣ୍ଟରନେଟ୍ ବ୍ୟବହାର ସାଧାରଣଙ୍କ ଜୀବନରେ ଅନେକଟା ପରିବର୍ତ୍ତନ ଆଣିବାରେ ସହାୟକ ହୋଇଛି, କିନ୍ତୁ ସଚେତନତାର ଅଭାବ ଯୋଗୁଁ ଅଧିକାଂଶ ସାଇବର ଅପରାଧର ଶିକାର ହୋଇଛନ୍ତି। ସାଇବର ଅପରାଧ ନିୟନ୍ତ୍ରଣ କରିବାକୁ ସବୁଠାରୁ ବଡ଼କଥା ହେଉଛି ଦେଶର ନାଗରିକଙ୍କ ବ୍ୟକ୍ତିଗତ ତଥ୍ୟ କିପରି ସୁରକ୍ଷିତ କରାଯାଇ ପାରିବ। ସେ ଦିଗରେ ଖାଲି ସରକାର ନୁହେଁ, ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ନଚେତ୍ ଏହି ସଂଖ୍ୟାକୁ ନିୟନ୍ତ୍ରଣରେ ରଖା ଯାଇ ପାରିବ ନାହିଁ। ବିଶେଷଜ୍ଞଙ୍କ ମତ ଅନଲାଇନ୍ ଟ୍ରାଫିକ୍ ବୃଦ୍ଧି, ସଚେତନତା ଅଭାବ ଏବଂ ସାଇବର ଅପରାଧ ମାମଲାରେ ଅନୁସନ୍ଧାନର ଅସୁବିଧା ଯୋଗୁଁ ଅପରାଧିମାନେ ନିଜର ସାମରାଜ୍ୟ ବିସ୍ତାର କରି ଚାଲିଛନ୍ତି। ଏହି ସମସ୍ତ କାରଣ ଗୁଡ଼ିକ ଲୋକଙ୍କୁ ଠକିବାକୁ ନୂଆ ନୂଆ ମାଧ୍ୟମ। ଠକମାନେ ବାରମ୍ବାର ତରିକା ପରିବର୍ତ୍ତନ କରୁଛନ୍ତି। ସାଇବର ଠକାମୀରୁ ନିଜକୁ ରକ୍ଷା କରିବାର ଏକମାତ୍ର ଚାବି ହେଉଛି ସଚେତନତା। ଏ ଦିଗରେ ସମସ୍ତେ ସଚେତନ ହେଲେ ସାଇବର ଅପରାଧରୁ ରକ୍ଷା ପାଇପାରିବା ବୋଲି ମତପ୍ରକାଶ ପାଇଛି।

# ନିଯୁକ୍ତି ଦାବିରେ କ୍ଷତିଗ୍ରସ୍ତ ୨୯ ପରିବାରଙ୍କ ଆନ୍ଦୋଳନ

କଣିହାଁ,୧୦।୩(ସମିସ)



ନିଯୁକ୍ତି ଓ ଥଇଥାନ ନେଇ ଏମ୍‌ସିଏଲ୍‌ର ଟାଳଟୁଳ ନୀତି ପ୍ରତିବାଦରେ କୋଇଲା ଖଣି ଦ୍ୱାରା ପ୍ରଭାବିତ ପଥରମୁଣ୍ଡା ଗ୍ରାମର ୨୯ କ୍ଷତିଗ୍ରସ୍ତ ପରିବାର ପୁଣି ଧାରଣା ଦେଇଛନ୍ତି। ରବିବାର ସକାଳେ କ୍ଷତିଗ୍ରସ୍ତ ଗ୍ରାମବାସୀ ପ୍ରସ୍ତାବିତ ପଥରମୁଣ୍ଡା ଗ୍ରାମରେ ଜରଡ଼ା ଗ୍ରାମକୁ ଥଇଥାନ କରିବାକୁ ଥିବା ନିଜ ଜମି ଉପରେ ବସି ରହିଛନ୍ତି। ଫଳରେ ପ୍ରସ୍ତାବିତ କଲୋନୀକୁ ଲୋକମାନେ ଯାଇ ଆସି ପାରୁନଥିବା କାରଣରୁ ସେଠାରେ ହେଉଥିବା ଉନ୍ନୟନ କାର୍ଯ୍ୟ ଓ ଘର କାମ ପ୍ରଭାବିତ ହୋଇଛି। ସୂଚନା ଯୋଗ୍ୟ ଯେ, ନିଯୁକ୍ତି ଦାବିରେ ଉକ୍ତ କ୍ଷତିଗ୍ରସ୍ତ ପରିବାର ଦୀର୍ଘ ୫ବର୍ଷ ଧରି ନିଜ ଜମିରେ ଧାରଣାରେ ବସି ଆନ୍ଦୋଳନ ଚଳାଇଥିଲେ। ଫଳରେ ଗତ ୧୦ ସେପ୍ଟେମ୍ବରରେ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ତ୍ରିପାକ୍ଷିକ ବୈଠକ ବସିଥିଲା। ବୈଠକରେ ତାଳଚେର ବିଧାୟକ, ଏମସିଏଲ ମ୍ୟାନେଜମେଣ୍ଟ, ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଆଲୋଚନା ହୋଇ ୪ମାସ ମଧ୍ୟରେ ନିଯୁକ୍ତି ପ୍ରକ୍ରିୟା ପାଇଁ କାଗଜପତ୍ର କାମ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦୀର୍ଘ ୭ମାସ ବିତିଯାଇଥିଲେ ମଧ ଏମ୍‌ସିଏଲ୍ ନିଯୁକ୍ତି ନେଇ ଟାଳଟୁଳ ନୀତି ଅବଲମ୍ବନ କରିଥିବାରୁ ତା'ର ପ୍ରତିବାଦରେ କ୍ଷତିଗ୍ରସ୍ତ ଗ୍ରାମବାସୀ ଧାରଣାରେ ବସିଛନ୍ତି। କ୍ଷତିଗ୍ରସ୍ତ ପ୍ରଜା କ୍ଷୀତିଶ ଦାସ, ଯତୀନ୍ଦ୍ର ସାହୁ, ପ୍ରଶ୍ନ ଦାସ, ସଂଯୁକ୍ତା ଦାସ, ଅକ୍ଷୟ ଦାସ, ବିଜୟ ଦାସ, ଶାନ୍ତିଲତା ଦାସ, ଆନନ୍ଦ ବାରିକ, ଅଜୟ ବାରିକ ପ୍ରମୁଖ ଅନେକ ମହିଳା ଧାରଣାରେ ବସିଛନ୍ତି।

## ରାସ୍ତାରେ ଟଳିପଡ଼ିଲେ ବୃଦ୍ଧ

**ଆଳି,୧୦।୩(ସମିସ):** ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତା ସଲଗ୍ନ ଆଳି ରାଜବାଟି ରାସ୍ତାର ଅନ୍ନପୂର୍ଣ୍ଣା ପଡ଼ିଆ ନିକଟରେ ପ୍ରାୟ ୧୨ଟା ସମୟରେ ଜଣେ ବୃଦ୍ଧ ରାସ୍ତା ମଝିରେ ଟଳି ପଡ଼ିଥିଲେ। କେହି କିଛି ବୁଝିବା ପୂର୍ବରୁ ସେ ରାସ୍ତାରେ ଶୋଇ ଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଆଳି ମେଡିକାଲକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିଙ୍ଗିରି ଗ୍ରାମର ବିପିନ ସେନାପତି(୭୦) ସ୍କୁଟି ନେଇ ଆଳି ବଜାରକୁ ଆସିଥିଲେ। କାମ ସାରି ଘରକୁ ବାହାରିବା ସମୟରେ ଆଳି ଅନ୍ନପୂର୍ଣ୍ଣା ପଡ଼ିଆ ନିକଟରେ ଥିବା ଏକ ଗ୍ରୋସରୀ ଦୋକାନ ପାଖରେ ଗାଡିକୁ ଛିଡା କରାଇ ତଳକୁ ଓହ୍ଲାଇ ତଳେ ବସି ପଡ଼ିଥିଲେ। ପରେ ସେହିଠାରେ ରାସ୍ତାରେ ହିଁ ଟଳି ପଡ଼ିଥିଲେ।

## ସ୍ମୃତିଚାରଣ କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ରାଜନଗର,୧୦।୩(ସମିସ):** ପୂଜ୍ୟପୂଜାର ପାରମ୍ପରିକ ଅନୁଷ୍ଠାନ ରାଜନଗର ସ୍ମୃତିଚାରଣ କମିଟି ପକ୍ଷରୁ ଶ୍ରୀଶ୍ରୀ ଅଭିରାମ ପରମହଂସ ଦେବଙ୍କ ଆଶ୍ରମ ପରିସରରେ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ରାଜନଗର ଅଞ୍ଚଳର ଚାରିଜଣ ବିଶିଷ୍ଟ ବ୍ୟକ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ସେବକ ବାବା ଅଭୟ ଦାସ ସଭା ପରିଚାଳନା କରିଥିଲେ। ଆନୁଷ୍ଠାନିକ ଭାବେ ବେଦପାଠ ସହ ଦୀପ ପ୍ରଜ୍ୱଳନ କରାଯାଇ ଫଟୋଚିତ୍ର ଉପରେ ପୁଷ୍ପମାଲ୍ୟ ଅର୍ପଣ ପରେ ବାବା ଅଭୟ ଦାସ ସ୍ୱର୍ଗତ ନାଟ୍ୟ ନିର୍ଦ୍ଦେଶକ ପ୍ରଫୁଲ୍ଲ ମିଶ୍ର, ସଂଗ୍ରାମୀ ନେତା କୃତ୍ତିବାସ ପାତ୍ର, ରାଜନଗର କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଅତୁଲ ବଳ ଓ ସ୍ୱେଚ୍ଛାସେବୀ ଶରତ ଦାସଙ୍କ ସମାଜକୁ ବିଭିନ୍ନ କ୍ଷେତ୍ରରେ ଅବଦାନ ବିଷୟରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ସେମାନଙ୍କ ଆତ୍ମାର ସଦଗତି ଉଦ୍ଦେଶ୍ୟରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସମାଜସେବୀ କୃପାସିନ୍ଧୁ ସାମଲ, ବିଜୟ ଜେନା, କବି ଅଭିରାମ ସାହୁ, କୈଳାସ ମହାନ୍ତି, ସର୍ବେଶ୍ୱର ମହାନ୍ତି, ବିପ୍ରଚରଣ ବେହୁରା, ଅଧ୍ୟାପକ ରତ୍ନାକର ନାୟକ, ସୀତାକାନ୍ତ ରାଉଳ, ଦିଲ୍ଲୀପ ପ୍ରଧାନ, ଅନୀଲ ବଳ, ନନ୍ଦକିଶୋର ସ୍ୱାଇଁ, କଳାକାର ପ୍ରଫୁଲ୍ଲ ଦାସ, ଚକ୍ରଧର ଦାସ ଓ ବଳରାମ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ବିଜୟ ବେହେରା ଧନ୍ୟବାଦ ଦେଇଥିଲେ।

## ଭୟାବହ ଅଗ୍ନିକାଣ୍ଡରେ ୭ ବଖରା ଭସ୍ମୀଭୂତ

**ଗରଦପୁର,୧୦।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଧୀନ ତେଣ୍ଡାକୁଡା ପଞ୍ଚାୟତର ବସନ୍ତପୁର ଗ୍ରାମରେ ଗତକାଲି ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାରର ପ୍ରାୟ ୭ ବଖରା ଚାଳଛପର ଘର ଜଳି ପାଉଁଶ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ଘରର ଆସବାବପତ୍ର, ଧାନ-ଚାଉଳ ସମେତ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ପୋଡ଼ିଯାଇଥିବା ଜଣାପଡ଼ିଛି। ବସନ୍ତପୁର ଗ୍ରାମର କୁଳମଣି ମଲ୍ଲିକ ଓ ଧୁଳ ମଲ୍ଲିକଙ୍କ ଘରେ ବିଳମ୍ବିତ ରାତିରେ ହଠାତ୍ ନିଆଁ ଲାଗିଥିଲା। ଅଗ୍ନିକାଣ୍ଡର ତୀବ୍ରତା ଅଧିକ ଥିବାରୁ ଖୁବ କମ ସମୟ ମଧ୍ୟରେ ସମସ୍ତ ଘର ଜଳି ପାଉଁଶ ହୋଇଯାଇଥିଲା। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ନିୟନ୍ତ୍ରଣ କରିଥିଲେ ମଧ୍ୟ ସେତେବେଳକୁ ଘରଗୁଡ଼ିକ ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଥିଲା। ଏହି ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇ ଦୁଇ ପରିବାର ଏବେ ଖୋଲା ଆକାଶ ତଳେ ଅସହାୟ ଅବସ୍ଥାରେ ରହିଛନ୍ତି। ଗ୍ରାମବାସୀ ବିପନ୍ନ ପରିବାରଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଦାବି କରିଛନ୍ତି।

## ବଳଦେବଜୀଉ ମନ୍ଦିର ନିକଟରୁ ଝାମ୍ପିନେଲେ ସୁନା ହାର

**କେନ୍ଦ୍ରାପଡ଼ା,୧୦।୩(ସମିସ):** ବଳଦେବଜୀଉ ମନ୍ଦିର ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ସୁନା ହାର ଝାମ୍ପି ନେଇଛନ୍ତି ଦୁର୍ବୃତ୍ତ। କଳା ପଲସରେ ଆସିଥିବା ଦୁଇଜଣ ଦୁର୍ବୃତ୍ତ ଜଣେ ମହିଳାଙ୍କ ବେକରୁ ଲକ୍ଷାଧିକ ଟଙ୍କାର ରାଣୀହାର ଝାମ୍ପି ନେଇ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଇଚ୍ଛାପୁର ମଧଖଣ୍ଡି ଅଞ୍ଚଳର ମହିଳା ବଳଦେବଜୀଉ ମନ୍ଦିରରେ ହେଉଥିବା ବିବାହ ଉତ୍ସବରେ ଯୋଗଦେଇ ଘରକୁ ଫେରୁଥିବାବେଳେ ମନ୍ଦିର ନିକଟସ୍ଥ ମୁଖ୍ୟ ରାସ୍ତାରେ ଏହି ଘଟଣା ଘଟିଥିଲା। ଏହି ସମୟରେ କଳା ପଲସରରେ ଆସିଥିବା ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ମହିଳାଙ୍କ ବେକରୁ ରାଣୀହାର ଝାମ୍ପି ନେଇ ତୁରନ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ମହିଳା ଜଣକ ଅଳ୍ପକେ ବର୍ତ୍ତିଯାଇଥିବା ଜଣାପଡ଼ିଛି। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ଏ ନେଇ ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ କହିଛନ୍ତି, ଘଟଣା ସମ୍ପର୍କରେ ବିଳମ୍ବରେ ଖବର ପାଇଥିଲୁ। ତଦନ୍ତ ପାଇଁ ଘଟଣାସ୍ଥଳକୁ ଭ୍ୟାନ ପଠାଯାଇଛି। ସିସିଟିଭି ଫୁଟେଜକୁ ଆଧାର କରି ଦୁର୍ବୃତ୍ତଙ୍କୁ ଚିହ୍ନଟ କରିବା ପାଇଁ ତଦନ୍ତ ଜାରି ରହିଛି।

## ଭିନ୍ନକ୍ଷମ ଭତ୍ତା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି

**ପଞ୍ଚୁପାଣ୍ଡବ,୧୦।୩(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବେଣୀପୁର ଗ୍ରାମର ବିଜୟ କୁମାର ଦାସ ଭିନ୍ନକ୍ଷମ ଭତ୍ତା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ବିଜୟ ଜନ୍ମରୁ ବିକାରଗ୍ରସ୍ତ ଓ ଦିବ୍ୟାଙ୍ଗ। ବାପା ଶୁକଦେବ ଦାଶ ଓ ମା' କେଶରୀ ଦାସଙ୍କ ଦେହାନ୍ତ ପରେ ସେ ଖାଇବା ପିଇବା ଓ ରହିବା ପାଇଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏମିତିକି ଔଷଧ କିଣିବାକୁ ବି ଟଙ୍କା ପାଉନାହାନ୍ତି। ଗ୍ରାମର କିଛି ବ୍ୟକ୍ତି ଖାଇବା ଯୋଗାଉଥାନ୍ତି ବୋଲି ଗ୍ରାମର ସମାଜସେବୀ ପ୍ରଦୀପ ସାମଲ କହିଛନ୍ତି। ଭିନ୍ନକ୍ଷମ ଶିବିରରେ ଫର୍ମ ପକାଇଥିଲେ ସୁଦ୍ଧା କାଗଜ ପତ୍ର ଠିକ୍ ନ ଥିବାରୁ ଭିନ୍ନକ୍ଷମ ପ୍ରମାଣ ପତ୍ର ହେବାରେ ସମସ୍ୟା ହୋଇଛି। ସୋମବାର ଦିନ ଜିଲ୍ଲାପାଳଙ୍କ ଅଭିଯୋଗ ଶିବିରରେ ଭିନ୍ନକ୍ଷମ ଭତ୍ତା ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି। ଏହାର ତଦନ୍ତ କରାଯାଇ ସରକାରୀ ସହାୟତା ଦେବା ସହ ଭତ୍ତା ପାଇଁ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଧାନ ସଂଗ୍ରହ ସମୀକ୍ଷା ବୈଠକ

**କେନ୍ଦ୍ରାପଡ଼ା,୧୦।୩(ସମିସ):** ଜିଲ୍ଲାରେ ଚଳିତ ୨୦୨୫-୨୬ ଖରିଫ ବର୍ଷର ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଚାରୁ ଓ ସମୟୋପଯୋଗୀ ଭାବେ ସମ୍ପନ୍ନ କରିବା ନିମନ୍ତେ ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚଳିତ ବର୍ଷ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ୧୬,୧୨,୦୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବାବେଳେ ଆଜି ସୁଦ୍ଧା ୧୨,୬୧,୪୭୩ କ୍ୱିଣ୍ଟାଲ ଧାନ କ୍ରୟ କରାଯାଇଛି। ଏଥିସହିତ ଏପର୍ଯ୍ୟନ୍ତ ୩୭,୩୯ ୯ ଜଣ ଚାଷୀ ମଣ୍ଡି ମାଧ୍ୟମରେ ଧାନ ବିକ୍ରୟ କରିଥିବା ସୂଚନା ମିଳିଛି। ଜିଲ୍ଲାର ୧୧୮ ଟି ସେବା ସମବାୟ ସମିତି ଅଧୀନରେ ୧୨୨ଟି ମଣ୍ଡି ମାଧ୍ୟମରେ ଧାନ ସଂଗ୍ରହ କାର୍ଯ୍ୟ ଚାଲୁ ରହିଛି। ଏହି ପ୍ରକ୍ରିୟା ୩୧ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏ ବର୍ଷ ଜିଲ୍ଲାର ୨୯ ଜଣ କଷ୍ଟମ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ଅଂଶଗ୍ରହଣ କରୁଥିବା ବୈଠକରେ ଉଲ୍ଲେଖ କରାଯାଇଥିଲା। ଜିଲ୍ଲାପାଳ ଶ୍ରୀ ଆୟର ଧାନ ସଂଗ୍ରହ କାର୍ଯ୍ୟକୁ ସୁଚାରୁ ଓ ସମୟବଦ୍ଧ ଭାବେ ସମ୍ପନ୍ନ କରିବା ସହ ଚାଷୀ କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ବୋଲି ସମ୍ବନ୍ଧିତ ବିଭାଗ ଓ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା ଯୋଗାଣ ଅଧିକାରୀ ବେଣୁଧର ପାଣିଗ୍ରାହୀଙ୍କ ସମେତ ସହକାରୀ ଯୋଗାଣ ଅଧିକାରୀ, ଉପନିବନ୍ଧକ ସମବାୟ ସମିତି, ସହକାରୀ ନିବନ୍ଧକ ସମବାୟ ସମିତି ଅଧିକାରୀ ଉପସ୍ଥିତ ଥିଲେ।

### ଭିତରବଙ୍ଗୀ ଗ୍ରାମ ରାସ୍ତା ତଡ଼ାଯିବା ଘଟଣା

# ଜିଲ୍ଲାପାଳଙ୍କ ସମାଧାନ ପ୍ରୟାସ ବିଫଳ

ଡେରାବିଶ, ୧୦।୩(ସମିସ)



ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଭିତରବଙ୍ଗୀ ଗ୍ରାମର ୩୦ରୁ ଅଧିକ ପରିବାର ତିନିମାସ ହେବ ଏକପ୍ରକାର ଗୃହବନ୍ଦୀ ଅବସ୍ଥାରେ ଅଛନ୍ତି। ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନର ସମସ୍ତ ଚେଷ୍ଟା ପରେ ମଧ୍ୟ ଏହି ଘଟଣାର ସମାଧାନ ହୋଇପାରୁନାହିଁ। ଆଜି ଜିଲ୍ଲାପାଳ ରଘୁରାମ ଆର ଆୟର ଗ୍ରାମରେ ପହଞ୍ଚି ଜନଶୁଣାଣି ମାଧ୍ୟମରେ ଉଭୟ ପକ୍ଷଙ୍କୁ ବୁଝାଇ ମାମଲାକୁ ଆପୋଷ ସମାଧାନ କରିବାକୁ ଉଦ୍ୟମ କରିଥିଲେ ମଧ୍ୟ ତାହା ସଫଳ ହୋଇପାରିନାହିଁ। ଜିଲ୍ଲାପାଳ ଶ୍ରୀ ଆୟାର ରାୟ ପ୍ରକାଶ ପର୍ଯ୍ୟନ୍ତ ରାସ୍ତା ଖୋଲିବାକୁ ଅନୁରୋଧ କରିଥିଲେ ମଧ୍ୟ ତାହାକୁ ପ୍ରତିପକ୍ଷ ପ୍ରତ୍ୟାଖ୍ୟାନ କରିଦେଇଥିବା ଜଣାପଡ଼ିଛି।

ଭିତରବଙ୍ଗୀ ଗ୍ରାମ ରାସ୍ତାକୁ ପରୀକ୍ଷିତ ମଲିକ ନାମକ ବ୍ୟକ୍ତି ନିଜର ସମ୍ପତ୍ତି ଦାବି କରିବା ସହ ଏଥିପାଇଁ ଅଦାଲତଙ୍କ ଆଶ୍ରୟ ନେଇଥିଲେ। ଅଦାଲତ ପକ୍ଷରୁ ରାୟ ପ୍ରକାଶ କରାଯାଇ ସମ୍ପୃକ୍ତ ଜାଗାକୁ ମାପଚୁପ କରାଯିବା ପରେ ଅଦାଲତ ପକ୍ଷରୁ ଆସିଥିବା ଅମିନ ସମ୍ପୃକ୍ତ ଗ୍ରାମରାସ୍ତା ପରୀକ୍ଷିତଙ୍କ ବ୍ୟକ୍ତିଗତ ଜାଗାରେ ନିର୍ମାଣ ହୋଇଥିବା ଚିହ୍ନଟ କରିଥିଲେ। ପରୀକ୍ଷିତଙ୍କ ପରିବାର ପକ୍ଷରୁ ଗତ ଡିସେମ୍ବର ମାସରେ ଅଦାଲତ ଅମିନଙ୍କ ଦ୍ୱାରା ଚିହ୍ନିତ ସ୍ଥାନକୁ ଜେସିବି ଲଗାଇ ତାଡ଼ି ଦେଇଥିଲେ ଓ ବାଡ଼ ବସାଇ ଦେଇଥିଲେ। ସେବେଠାରୁ ଦୀର୍ଘ ତିନିମାସ ହେବ ଏହି ରାସ୍ତା ଉପରେ ନିର୍ଭର କରି ଚଳୁଥିବା ଭିତରବଙ୍ଗୀ ଗ୍ରାମର ୩୦ରୁ ଅଧିକ ପରିବାର ଗୃହବନ୍ଦୀ ଅବସ୍ଥାରେ ରହି ଘରୁ ବାହାରି ପାରୁନାହାନ୍ତି। ଏଥିସହିତ ପାଖାପାଖି ତିନିମାସ ମାସ ହେବ ଗ୍ରାମବାସୀଙ୍କ ସମେତ ବହୁ ସ୍କୁଲ କଲେଜ ଛାତ୍ରଛାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଲୋକ ଏ ସମ୍ପର୍କରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ, ଡେରାବିଶ ତହସିଲଦାର, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଡେରାବିଶ ତହସିଲ ପ୍ରଶାସନ ପକ୍ଷରୁ ଏହି ଗ୍ରାମ ରାସ୍ତାକୁ ଚିହ୍ନଟ କରିବା ପାଇଁ ମାପଚୁପ କରାଯାଇଥିଲା। ଏହି ମାପରେ ପରୀକ୍ଷିତଙ୍କ ପରିବାର ଅସନ୍ତୁଷ୍ଟ ହେବା ସହିତ ଏହି ମାପ କୋର୍ଟ ଅମିନଙ୍କ ମାପଠାରୁ ଭିନ୍ନ ହେଉଥିବା ଦର୍ଶାଇଥିଲେ। ଯେଉଁଥିପାଇଁ ଏହି ଘଟଣାର ସମାଧାନ ହୋଇପାରି ନ ଥିଲା। ପରେ ଘଟଣାସ୍ଥଳରେ ଉପସ୍ଥିତ ଅତିରିକ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ଉଭୟ ପକ୍ଷଙ୍କୁ ବୁଝାସୁଝା କରି ମୌଖିକ ଭାବେ ଚଳପ୍ରଚଳ କରିବାକୁ କହିଥିଲେ। କିନ୍ତୁ ପରୀକ୍ଷିତଙ୍କ ପରିବାର ପକ୍ଷରୁ ଏହି ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ କଣ୍ଟା ଓ ବାଉଁଶ ବାଡ଼ ଦିଆଯାଇ ଅବରୋଧ କରାଯାଇଥିବା ଦେଖିବାକୁ ମିଳିଛି। ପୁନର୍ବାର ଗ୍ରାମବାସୀ ପ୍ରଶାସନର ଆଶ୍ରୟ ନେଇଥିଲେ। ଏହି ଘଟଣାର ଆଶୁ ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କ ପକ୍ଷରୁ ଆଜି ଗ୍ରାମରେ ଜନଶୁଣାଣି କରାଯାଇଥିଲା। ଏହି ଜନଶୁଣାଣିରେ ଜିଲ୍ଲାପାଳ ରଘୁରାମ ଆର ଆୟାର, ଉପଜିଲ୍ଲାପାଳ ଅରୁଣ ନାୟକ, ଏଡିଏମ୍ ରବୀନ୍ଦ୍ର ମଲିକ, ତହସିଲଦାର ସରୋଜକାନ୍ତ ନାୟକ, ବ୍ଲକ୍ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଓ ଯଅଁରାବାରିମୂଳ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ଉପସ୍ଥିତ ରହି ଉଭୟ ପରୀକ୍ଷିତ ଓ ଗ୍ରାମବାସୀଙ୍କ ନିକଟରୁ ସେମାନଙ୍କ ଅଭିଯୋଗ ଶୁଣିଥିଲେ। ପରୀକ୍ଷିତ ଏହି ଘଟଣା ନିମନ୍ତେ ସେ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିବାବେଳେ ଏବେ ଏହି ମାମଲା ନ୍ୟାୟାଳୟରେ ବିଚାରଧୀନ ରହିଥିବା ପ୍ରକାଶ କରିଥିଲେ। ମାମଲା ନ୍ୟାୟାଳୟରେ ବିଚାରଧୀନ ଥିବାରୁ ନ୍ୟାୟାଳୟ ପକ୍ଷରୁ କୌଣସି ରାୟ ପ୍ରକାଶ କିମ୍ବା ଅନ୍ୟ ଆଦେଶ ଆସିବା ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ଚଳାଚଳ ସୁଗମ କରିବା ପାଇଁ ରାସ୍ତାରୁ କଣ୍ଟାବାଡ଼ ଖୋଲିବାକୁ ଜିଲ୍ଲାପାଳଙ୍କ ସମେତ ସମସ୍ତ ଅଧିକାରୀ ପରୀକ୍ଷିତ ଓ ତାଙ୍କ ପରିବାରଙ୍କୁ ଅନୁରୋଧ କରିଥିଲେ। ତେବେ ପରୀକ୍ଷିତଙ୍କ ପରିବାର ଏଥିରେ ଅମଙ୍ଗ ହେବାରୁ ଜିଲ୍ଲା ପ୍ରଶାସନ ନିରାଶରେ ଫେରିଯାଇଥିଲେ। ଏ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ଆୟାରଙ୍କୁ ପଚାରିବାରୁ ଆଜି ମାମଲାର ଆପୋଷ ସମାଧାନ କରିବାକୁ ଆସିଥିଲୁ। ହେଲେ ତାହା ହୋଇପାରିଲାନାହିଁ। ଆଜିର ଘଟଣା ସମ୍ପର୍କରେ ମୁଁ ନ୍ୟାୟାଳୟଙ୍କୁ ଅବଗତ କରାଇବି ବୋଲି ପ୍ରକାଶ କରିଥିଲେ।

### ● ଏପ୍ରିଲ ୧ ଅଗ୍ନିପଥ ଯୋଜନା ଆବେଦନ ଶେଷ ତାରିଖ

## ଯୁବକଙ୍କୁ ପଞ୍ଜୀକରଣ ପାଇଁ ପ୍ରଶାସନର ଆହ୍ୱାନ

**କେନ୍ଦ୍ରାପଡ଼ା,୧୦।୩(ସମିସ):** ଭାରତୀୟ ସେନାର ଅଗ୍ନିପଥ ଯୋଜନା ଓ ନିୟମିତ କ୍ୟାଡର ଅଧୀନରେ ୨୦୨୭ ନିଯୁକ୍ତି ବର୍ଷ ପାଇଁ ଅନଲାଇନ୍ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷା ନିମନ୍ତେ ଆବେଦନ ପ୍ରକ୍ରିୟା ଗତ ୧୩ ଫେବୃଆରୀରୁ ଆରମ୍ଭ ହୋଇଥିବାବେଳେ ଏହାର ଶେଷ ତାରିଖ ଆସନ୍ତା ଏପ୍ରିଲ ୧ ତାରିଖ ଧାର୍ଯ୍ୟ କରାଯାଇଛି। ଯୋଗ୍ୟ ପ୍ରାର୍ଥୀ ଭାରତୀୟ ସେନାର ଅଧିକୃତ ୱେବସାଇଟ୍ ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ଜଏନ୍ ଇଣ୍ଡିଆନ୍ ଆର୍ମି ଡଟ୍ ଏନଆଇସି ଡଟ୍ ଇନ୍ ମାଧ୍ୟମରେ ଅନଲାଇନ୍ ଆବେଦନ କରିପାରିବେ। ସେନା ନିଯୁକ୍ତି ପ୍ରକ୍ରିୟା ଅନୁଯାୟୀ ପ୍ରାର୍ଥୀଙ୍କୁ ପ୍ରଥମେ କମ୍ପ୍ୟୁଟର ଆଧାରିତ ଅନଲାଇନ୍ କମନ୍ ଏଣ୍ଟ୍ରାନ୍ସ ପରୀକ୍ଷା ଦେବାକୁ ପଡିବ। ଏହି ପରୀକ୍ଷା ପାଇଁ ୨୫୦ ଟଙ୍କା ପରୀକ୍ଷା ଶୁଳ୍କ ନିର୍ଦ୍ଧାରିତ ହୋଇଛି। ସୂଚନାନୁସାରେ ଏହି ପରୀକ୍ଷା ଚଳିତ ବର୍ଷ ଜୁନ୍ ମାସରେ ଆୟୋଜିତ ହେବା ସମ୍ଭାବନା ରହିଛି। ନିଶ୍ଚିତ ତାରିଖ ପରେ ଘୋଷଣା କରାଯିବ। ଏହି ନିଯୁକ୍ତି ସମ୍ପର୍କରେ କୌଣସି ସନ୍ଦେହ କିମ୍ବା ପ୍ରଶ୍ନ ଥିଲେ କଟକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତସିଂହପୁର, ନୟାଗଡ଼, ବାଲେଶ୍ୱର, ଖୋର୍ଦ୍ଧା, ଯାଜପୁର, ପୁରୀ ଓ ଭଦ୍ରକ ଜିଲ୍ଲାର ପ୍ରାର୍ଥୀ ଆର୍ମି ରିକ୍ରୁଟିଂ ଅଫିସ, କଟକ ସହ ଯୋଗାଯୋଗ କରିପାରିବେ। ଏଥିପାଇଁ ୯୪୩୭୧ ୬୨୨୮୦ ମୋବାଇଲ୍ ନମ୍ବର କିମ୍ବା ୦୬୭୧-୨୩୦୫୮୮୦ ଟେଲିଫୋନ୍ ନମ୍ବରରେ ସମ୍ପର୍କ କରିବାକୁ ଆର୍ମି ରିକ୍ରୁଟିଂ ଅଫିସ ପକ୍ଷରୁ ସୂଚନା ଦିଆଯାଇଛି।

ଏହି ନିଯୁକ୍ତି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାରୁ ଅଧିକରୁ ଅଧିକ ଯୁବକ ଭାଗ ନେବାକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ଓସ୍ମାନ ହଲରେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ଓ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରିଣୀ ଇନ୍ଦ୍ରାଣୀ ମଲ୍ଲିକ ଉପସ୍ଥିତ ଥିଲେ। ଏଥିସହିତ ରିକ୍ରୁଟିଂ ଅଫିସର ପିଏସ. ପ୍ରସନ୍ନା ଯୋଗଦେଇ ନିଯୁକ୍ତି ପ୍ରକ୍ରିୟା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଜିଲ୍ଲାର ସମସ୍ତ ଜୁନିୟର ଓ ଡିଗ୍ରୀ କଲେଜ, ଆଇଟିଆଇ, ଡିପ୍ଲୋମା କଲେଜର ଅଧ୍ୟକ୍ଷ ଓ ଅଧ୍ୟକ୍ଷା ମଧ୍ୟ ବୈଠକରେ ଯୋଗଦେଇଥିଲେ। କଲେଜ ମାଧ୍ୟମରେ ସଚେତନତା ସୃଷ୍ଟି କରି ଜିଲ୍ଲାର ଅଧିକରୁ ଅଧିକ ଯୁବକ ଅଗ୍ନିପଥ ଯୋଜନା ଓ ସେନା ନିଯୁକ୍ତି ପାଇଁ ପଞ୍ଜୀକରଣ କରିବାକୁ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ।

## ବଳଦେବଜୀଉ ଜ୍ୟୋତିଯାତ୍ରା ଓ ତୁଳସୀକ୍ଷେତ୍ର ପରିକ୍ରମା ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା,୧୦।୩(ସମିସ):** ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ସିଦ୍ଧ ଶ୍ରୀବଳଦେବଜୀଉଙ୍କ ଜ୍ୟୋତିଯାତ୍ରା ଓ ତୁଳସୀକ୍ଷେତ୍ର ପରିକ୍ରମା ଆସନ୍ତା ୧୫ ତାରିଖରେ ପ୍ରଥମଥର ପାଇଁ କେନ୍ଦ୍ରାପଡାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ପ୍ରଖ୍ୟାତ ଆଧାତ୍ମିକ ଗୁରୁ ତଥା ଗରାପୁରସ୍ଥ ଶିବାନନ୍ଦ ଆଶ୍ରମରେ ଅଧକ୍ଷା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେବ। ଏ ନେଇ ଶେଷ ପ୍ରସ୍ତୁତି ବୈଠକ ଗରାପୁରସ୍ଥ ଶିବାନନ୍ଦ ଆଶ୍ରମରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତୁଳସୀକ୍ଷେତ୍ର ପରିକ୍ରମା ଓ ଜ୍ୟୋତିଯାତ୍ରା ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଏହି ଜ୍ୟୋତି ଆସନ୍ତା ୧୫ ତାରିଖ ରବିବାର ସକାଳ ୬ ଟାରେ ଇଚ୍ଛାପୁରସ୍ଥ ଶ୍ରୀଜୀଉଙ୍କ ମନ୍ଦିର ନିକଟରୁ ବାହାରି ଶ୍ରୀବଳଦେବଜୀଉଙ୍କ ଲୀଳା ସହ ସଂଶ୍ଳିଷ୍ଟ ଜିଲ୍ଲାର ବିଭିନ୍ନ ପୀଠ ପରିକ୍ରମା କରିବା ପରେ ସନ୍ଧ୍ୟାରେ ପୁନର୍ବାର ଶ୍ରୀଜୀଉଙ୍କ ପୀଠକୁ ଫେରିବ। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହେବାକୁ ଶ୍ରୀମା ନିବେଦନ କରିଛନ୍ତି। ପ୍ରସ୍ତୁତି ବୈଠକରେ ପ୍ରଫେସର ନନ୍ଦକିଶୋର ପରିଡା, ଡ. କାଳୀପ୍ରସନ୍ନ ଶତପଥୀ, ଡ. ସୁରେନ୍ଦ୍ର ନାଥ ଆଚାର୍ଯ୍ୟ, ଡ. ବାସୁଦେବ ଦାସ, ରଞ୍ଜିତ ସାହୁ, ଅଭିମନ୍ୟୁ ଗୋଚ୍ଛାୟତ, ଶଶାଙ୍କଶେଖର ଜେନା, ଅଭିଜିତ ବେହେରା, ଗୋଲଖ ବେହେରା, ପ୍ରଦୀପ୍ତ ମହାନ୍ତି, ଟିଟିକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ରହ୍ମଚାରୀ ନୃସିଂହନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱୟଂପ୍ରଭା ଗଣବିବାହ ସେବା ସମିତି ପକ୍ଷରୁ ଆଦର୍ଶ ବିବାହ

**ପଟ୍ଟାମୁଣ୍ଡାଇ,୧୦।୩(ସମିସ):** ପଟ୍ଟାମୁଣ୍ଡାଇ ଅଞ୍ଚଳର ସମାଜସେବା ଅନୁଷ୍ଠାନ ସ୍ୱୟଂପ୍ରଭା ଗଣବିବାହ ସେବା ସମିତି ପକ୍ଷରୁ ଗରିବ ପୁଅଝିଅଙ୍କୁ ସହାୟତା କରି ଆଦର୍ଶ ବିବାହ ଆୟୋଜନ ପାଇଁ ପଦକ୍ଷେପ ନିଆଯାଇଛି। ଏ ଉପଲକ୍ଷେ ପଟ୍ଟାମୁଣ୍ଡାଇ ରାଧାରମଣ ମଠରେ ଏକ ଆଦର୍ଶ ବିବାହ ଆୟୋଜନ କରାଯାଇଥିଲା। ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସମହାରାଜ ବିବାହ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏଥିରେ ରାଜନଗର ଥାନା ଦାଣ୍ଡି ଗ୍ରାମର ବାବାଜୀ ସେଠୀଙ୍କ ପୁଅ ଅଶୋକ ସେଠୀଙ୍କ ସହିତ ଆଳି ଥାନା ନରେନ୍ଦ୍ରପୁର ଗ୍ରାମର ସର୍ବେଶ୍ୱର ସେଠୀଙ୍କ ଝିଅ ସସ୍ମିତା ସେଠୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲାୟ। ସ୍ୱୟଂପ୍ରଭା ଗଣବିବାହ ସେବା ସମିତି ସଭାପତି ସଞ୍ଜୟ ସ୍ୱାଇଁ ଓ ସମ୍ପାଦକ ମିଟୁ ମନୋଜ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଦର୍ଶ ବିବାହ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଅତିରିକ୍ତ ତହସିଲଦାର ଦିଲ୍ଲୀପ ନାୟକ, ପୂର୍ତ୍ତ ବିଭାଗ ସହନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଣ୍ଡା, ପୌର ପରିଷଦ କନିଷ୍ଠ ଯନ୍ତ୍ରୀ ପ୍ରମୋଦ ସାମଲ, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନିଶିକାନ୍ତ ପ୍ରଧାନ ଓ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ପଟ୍ଟାମୁଣ୍ଡାଇ ନଗର ମଣ୍ଡଳ ପୂର୍ବତନ ବିଜେପି ସଭାପତି ଉପେନ୍ଦ୍ର ନାୟକ, ୧୫ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ପ୍ରିୟଦର୍ଶନୀ ତରାଇ ପ୍ରମୁଖ ଯୋଗଦେଇ ବରକନ୍ୟାଙ୍କୁ ଆଶୀର୍ବାଦ କରିଥିଲେ। ଗଣବିବାହ ସେବା ସମିତି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ଏହି ଆଦର୍ଶ ବିବାହ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସରକାରୀ ପଦାଧିକାରୀ, ସମାଜସେବୀ, ବୁଦ୍ଧିଜୀବୀ ଓ ସାମ୍ବାଦିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଦିପୁନା ସାହୁ, ବାଜିଆ ବିଶ୍ୱାଳ, ସତ୍ୟରଞ୍ଜନ ନାୟକ, ଜଗନ୍ନାଥ ମଣ୍ଡଳ ଓ ସୂର୍ଯ୍ୟକାନ୍ତ ନାୟକ ପରିଚାଳନା କରିଥିଲେ।



## ● କଟକ-ଚାନ୍ଦବାଲି ରାଜରାସ୍ତାରେ ପୃଥକ୍ ଦୁର୍ଘଟଣା

## ଜଣେ ମୃତ, ୩ ଗୁରୁତର ଆହତ

ଡେରାବିଶ, ୧୦।୩(ସମିସ): କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ କଲେଜ ଛକ ନିକଟ ଓ ଚାନ୍ଦୋଳ ପେଟ୍ରୋଲ ପମ୍ପ ନିକଟରେ ପୃଥକ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ତିନିଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଆଜି ମଧ୍ୟାହ୍ନରେ ଚାନ୍ଦୋଳ କଲେଜ ଛକ ନିକଟରେ ଏକ କାର ସହିତ ଦୁଇଟି ବାଇକ୍ ଧକ୍କା ହେବା ଫଳରେ ତିନିଜଣ ବାଇକ୍ ଆରୋହୀ ଗୁରୁତର ଆହତ ହୋଇ ପ୍ରଥମେ କେନ୍ଦ୍ରାପଡ଼ା ଓ ପରେ କଟକ ସ୍ଥାନାନ୍ତର ହୋଇଛନ୍ତି। ସନ୍ଧ୍ୟାରେ ଚାନ୍ଦୋଳ ପୁରୁଣା ପେଟ୍ରୋଲ ପମ୍ପ ନିକଟରେ ଏକ ଅଜଣା ଗାଡ଼ି ବାଇକ୍ ଆରୋହୀଙ୍କୁ ଧକ୍କା ଦେଇ ଦ୍ରୁତଗତିରେ ପଳାଇ ଯାଇଥିଲା। ବାଇକ୍ ଚାଳକ ଜଣକ ଗୁରୁତର ଅବସ୍ଥାରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିଲେ। ତାଙ୍କୁ ନିଶ୍ଚିନ୍ତକୋଇଲି ମେଡ଼ିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିଚୟ ମିଳିପାରି ନ ଥିବାବେଳେ ତାଙ୍କ ଘର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ହୋଇଥିବା ଜଣାଯାଇଛି।

## ରାଜନଗର ଧାନମଣ୍ଡିରେ ଚାଷୀଙ୍କୁ ଶୋଷଣ ଅଭିଯୋଗ

**କେନ୍ଦ୍ରାପଡ଼ା,୧୦।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଅଧୀନ ରାଜନଗର ସମବାୟ ସମିତି ଅନ୍ତର୍ଗତ ଧାନମଣ୍ଡିରେ ଚାଷୀଙ୍କୁ ଶୋଷଣ କରାଯାଉଥିବା ଅଭିଯୋଗ ଜିଲ୍ଲାସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିରରେ ଉଠିଛି। ଏ ନେଇ କିଛି ଚାଷୀ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି। ସମବାୟ ସମିତିର ସମ୍ପାଦକ ବାରମ୍ବାର ଅନୁପସ୍ଥିତ ରହୁଥିବାରୁ ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନିର୍ଦ୍ଧାରିତ ସମୟରେ ଟୋକନ ପ୍ରଦାନ ନ କରିବା, ଚାଷୀଙ୍କ ଆଖି ସ୍କାନ ପ୍ରକ୍ରିୟା ସମୟରେ ସମ୍ପନ୍ନ ନ କରିବା, ମଣ୍ଡିରେ ଧାନ ଦେବା ପରେ ଆଖି ସ୍କାନ ପାଇଁ ଅର୍ଥ ଉତ୍କୋଚ ମାଗିବା ପରି ଅନେକ ଅନିୟମିତତା ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏହା ସହ ଧାନ ଦେବା ପାଇଁ ଟିପିନ କରିବା, ଟୋକନ ପ୍ରଦାନ ପାଇଁ ଚାନ୍ଦା ମାଗିବା, ଚାନ୍ଦା ନ ଦେଲେ ଚାଷୀଙ୍କୁ ଧମକ ଦେବା ଓ ବାରମ୍ବାର ମିଥ୍ୟା ପ୍ରତିଶ୍ରୁତି ଦେଇ ଧାନ ଆଜି କିମ୍ବା କାଲି ନିଆଯିବ ବୋଲି କହି ପ୍ରତାରଣା କରାଯାଉଥିବା ଚାଷୀ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଚାଷୀମାନେ ପୂର୍ବରୁ ରାଜନଗର ତହସିଲଦାର, ବିଡିଓ ଓ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ ହୋଇ ନ ଥିବାରୁ ସେମାନେ ବାଧ୍ୟ ହୋଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ ଜିଲ୍ଲାପାଳ ତୁରନ୍ତ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବେସାମରିକ ଯୋଗାଣ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ମଧୁସାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଡେରାବିଶ, ୧୦।୩(ସମିସ): ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ନବମ ମଧୁସାଗର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଛାତ୍ରୀଙ୍କ ଦ୍ୱାରା ସାନ୍ତାଳୀ ଓ ରାଜସ୍ଥାନୀ ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏ ଉପଲକ୍ଷେ ମହୋତ୍ସବ କମିଟି ସଭାପତି ଡକ୍ଟର ବିଶ୍ୱପ୍ରକାଶ କାନୁନ୍‌ଗୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜସ୍ୱ ପର୍ଷଦ କମିଶନର ଡକ୍ଟର ଅଲେଖ ଚନ୍ଦ୍ର ପଢ଼ିହାରୀ, ମୁଖ୍ୟବକ୍ତା ଭାବେ ଉତ୍କଳ ସଙ୍ଗୀତ ନାଟକ ଏକାଡେମୀର ସୁପରିଟେଣ୍ଡେଣ୍ଟ ଭାଗ୍ୟଲିପି ମଲ୍ଲ, ସମ୍ମାନିତ ଅତିଥି ଭାବେ ନୃତ୍ୟଶିଳ୍ପୀ ଜୟଶ୍ରୀ ଧଳ, ସୁଦର୍ଶନ ମହାପାତ୍ର ଯୋଗଦେଇଥିଲେ। କମିଟିର ବରିଷ୍ଠ ସଦସ୍ୟ ନିରଞ୍ଜନ ସ୍ୱାଇଁ, ପ୍ରମୋଦ ସାହୁ, ପ୍ରାଣକୃଷ୍ଣ ସାମଲଙ୍କ ଉପସ୍ଥିତିରେ ମୁଖ୍ୟଅତିଥି ଶ୍ରୀ ପଢ଼ିହାରୀ ଆଜିର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ମଦନମୋହନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାଗବତପୁର ସମିତିସଭ୍ୟା ପ୍ରମିଳା ମିଶ୍ର ଓ କାଉପଡ଼ା ସରପଞ୍ଚ ପ୍ରତାପ ବେହେରାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କୁନିକୁନି ପିଲାଙ୍କ ଦ୍ୱାରା ଶସ୍ତ୍ରୀୟ ନୃତ୍ୟ ଏକାଙ୍କିକା 'ପେଟେଣ୍ଟ ମେଡ଼ିସିନ୍' ପରିବେଷଣ କରାଯାଇଥିଲା। ଉପସଭାପତି ଡକ୍ଟର ମୁରଲିଧର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ସପ୍ତମ ଶ୍ରେଣୀ ଛାତ୍ରୀ ନିର୍ଯାତନା ଘଟଣା

# ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ତଦନ୍ତ

ରାଜକନିକା,୧୦।୩(ସମିସ)



ବ୍ଲକ ଓଳାଭର ଅଞ୍ଚଳର ଏକ ଘରୋଇ ସ୍କୁଲରେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ନିର୍ଯାତନା ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ୍ କରୁଛି। ଆଜି ତଦନ୍ତ ନିମନ୍ତେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ପୂର୍ବାହ୍ନ ୧୧ଟା ସମୟରେ ଏହି କମିଶନ ଟିମ୍ ପ୍ରଥମେ ଛାତ୍ରୀ ପଢୁଥିବା ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲା। ବିଦ୍ୟାଳୟ କମିଟିକୁ ବୁଝିଥିଲେ। ସ୍କୁଲର ଅଧ୍ୟକ୍ଷା ଅନୁପସ୍ଥିତ ଥିବାରୁ କମିଟିର କିଛି ସଦସ୍ୟ ଉପସ୍ଥିତ ଥିଲେ। କମିଶନ ପକ୍ଷରୁ ଚିଠି ଦିଆଯାଇଥିବା ସତ୍ତ୍ୱେ କମ୍ ସଂଖ୍ୟକ ସଦସ୍ୟ ଥିବାରୁ ଅଧ୍ୟକ୍ଷା ଅସନ୍ତୋଷ ପ୍ରକାଶ କରିଥିଲେ। ପରେ କମିଶନ ଟିମ୍ ପୀଡିତାଙ୍କ ପରିବାର ନିକଟରେ ପହଞ୍ଚି ଘଣ୍ଟାଏ କାଳ ପୀଡିତା, ତାଙ୍କ ପରିବାର ସହ ଆଲୋଚନା କରି ଫେରିଥିଲେ।

## ଜିଲ୍ଲା ପ୍ରଶାସନ ସହ ଆଲୋଚନା

**କେନ୍ଦ୍ରାପଡ଼ା,୧୦।୩(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ରାଜକନିକା ଅଞ୍ଚଳର ଏକ ପବ୍ଲିକ୍ ସ୍କୁଲରେ ଘଟିଥିବା ନାବାଳିକା ଛାତ୍ରୀଙ୍କୁ ନିର୍ଯାତନା ଘଟଣାର ତଦନ୍ତ ପାଇଁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ମଙ୍ଗଳବାର ଜିଲ୍ଲା ପରିଦର୍ଶନ କରି ଘଟଣାସ୍ଥଳରେ ତଦନ୍ତ କରିବା ସହ ଜିଲ୍ଲା ପ୍ରଶାସନ ସହ ସମୀକ୍ଷା ବୈଠକ କରିଛନ୍ତି। ଆୟୋଗ ଅଧ୍ୟକ୍ଷା ବବିତା ପାତ୍ରଙ୍କ ନେତୃତ୍ୱରେ ଏକ ୪ ଜଣିଆ ଦଳ ପ୍ରଥମେ ପୀଡିତାଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ଟିକିନିଖି ପଚାରି ବୁଝିଥିଲେ। ପରେ ଟିମ୍ ପବ୍ଲିକ୍ ସ୍କୁଲରେ ପହଞ୍ଚି ସ୍କୁଲ୍ ପ୍ରଧାନ ଶିକ୍ଷକଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ପରବର୍ତ୍ତୀ କାଳରେ ଜିଲ୍ଲା ସର୍କିଟ୍ ହାଉସରେ ଆୟୋଗ ଅଧ୍ୟକ୍ଷା ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ପୁଲିସ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, କେନ୍ଦ୍ରାପଡ଼ା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷା ସ୍ୱାଗତିକା ପାତ୍ର ଓ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିଲେ। ବୈଠକରେ ପୀଡିତା ଛାତ୍ରୀଙ୍କ ସୁରକ୍ଷା, ପୁନର୍ବାସ ଓ ସାମାଜିକ ସହଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଆୟୋଗ ପକ୍ଷରୁ ପୀଡିତାଙ୍କୁ ଆବଶ୍ୟକ ସାମାଜିକ ସୁରକ୍ଷା ଓ ଆର୍ଥିକ ସହାୟତା ପ୍ରଦାନ କରିବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜକନିକାସ୍ଥ ଏକ ପବ୍ଲିକ୍ ସ୍କୁଲ୍‌ର ସପ୍ତମ ଶ୍ରେଣୀର ଜଣେ ଛାତ୍ରୀ ଫେବୃଆରୀ ୧୭ ତାରିଖରେ ଶିଶୁ ମଙ୍ଗଳ କମିଟିକୁ ଭେଟି ତାଙ୍କୁ କିଛି ଶିକ୍ଷକ ନିର୍ଯାତନା ଦେଇଥିବା ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ କରି ଘଟଣାରେ ଜଡିତ ଥିବା ଅଭିଯୋଗରେ ୩ ଜଣ ଶିକ୍ଷକ ଓ ଜଣେ ପିଅନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ଯୁବକଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ



**କଙ୍କଡାହାଡ,୧୦।୩(ସମିସ):** କଙ୍କଡାହାଡ ଥାନା ଅନ୍ତର୍ଗତ କନ୍ଧରା-ଉର୍ବେଙ୍ଗି ରାସ୍ତା ପାର୍ଶ୍ୱରେ କନ୍ଧରା ଗ୍ରାମ ନିକଟରେ ଜଣେ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛି। ମୃତକ ହେଲେ କେରଯୋଳି ପଞ୍ଚାୟତ ଅନ୍ତର୍ଗତ ରୋଡଙ୍ଗ ଗ୍ରାମ ଅନ୍ତର୍ଗତ ପଡ଼ାଗ୍ରାମ କେନ୍ଦୁମୁଣ୍ଡା ଗ୍ରାମର ରାଜେଶ ବାରିକ (୨୨)। ତାଙ୍କ ମୃତଦେହ ରାସ୍ତା ପାର୍ଶ୍ୱରେ ପଡ଼ିଥିବାବେଳେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ମୃତଦେହକୁ ସ୍ଥାନୀୟ ଲୋକମାନେ ଦେଖି କଙ୍କଡ଼ାହାଡ଼ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଥାନା ଏସ୍‌ଆଇ ମୀନକେତନ ପ୍ରଧାନ, ଏଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର ହୋତା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି। ପୁଲିସ ସୂତ୍ରରୁ ଖବର ମିଳିଛି ଗତକାଲି ରାତିରେ ରାଜେଶ ଏକ ବିବାହ କାର୍ଯ୍ୟକ୍ରମରେ କାଲବୁଦ୍ଧିଆ ଆସି ଘରକୁ ଫେରି ନଥିଲେ। ଯୁବକ ଜଣଙ୍କ ମୁଣ୍ଡ, ମୁହଁରେ କୌଣସି ଧାରୁଆ ଅସ୍ତ୍ରରେ ଆକ୍ରମଣ ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସାଇଣ୍ଟିଫିକ ଟିମ୍, ସନ୍ଧାନୀ କୁକୁର ପହଞ୍ଚି ଘଟଣାସ୍ଥଳରେ ତଦନ୍ତ ଜାରି ରଖିଛନ୍ତି। ମୃତଦେହ ଜବତ କରାଯାଇ କାମାକ୍ଷାନଗର ଉପଖଣ୍ଡ ମେଡିକାଲକୁ ପଞ୍ଚନାମା ପାଇଁ ପଠାଇ ଥିବାବେଳେ ବ୍ୟବଚ୍ଛେଦ ହୋଇ ନଥିବା ଜଣାପଡ଼ିଛି। ଏହି ହତ୍ୟାକାଣ୍ଡ ଅଞ୍ଚଳବାସୀଙ୍କ ମନରେ ଆତଙ୍କ ଖେଳାଇଦେଇଛି। କେଉଁ ପରିସ୍ଥିତିରେ ହତ୍ୟାକାଣ୍ଡ ଘଟିଛି ପୁଲିସ ଏହାର ଅଧିକ ତଦନ୍ତ କରୁଥିବା ତଦନ୍ତକାରୀ ଅଧିକାରୀ ଶ୍ରୀ ପ୍ରଧାନ କହିଛନ୍ତି। ଏହି ଜଘନ୍ୟ ହତ୍ୟାକାଣ୍ଡରେ ଯେଉଁମାନେ ସାମିଲ ଅଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଗ୍ରାମବାସୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଦାବି କରିଛନ୍ତି।

# ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ

**ଢେଙ୍କାନାଳ,୧୦।୩(ସମିସ):** ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତମାନଙ୍କୁ ପୁରୀରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ପାଇଁ ବସ ଯୋଗେ ପଠାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ପ୍ରତିନିଧି ଭାବେ ନବ କିଶୋର ଗୁରୁ, ସାଂସଦ ରୁଦ୍ର ନାରାୟଣ ପାଣିଙ୍କ ପ୍ରତିନିଧି ଭାବେ ନରେଶ ମହାପାତ୍ର ତଥା ଉପସ୍ଥିତ ଥିବା ଅତିଥିମାନେ ବସ୍‌ଗୁଡ଼ିକୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ସେମାନେ ଏହି ଯୋଜନା ମାଧ୍ୟମରେ ସାଧାରଣ ଲୋକମାନେ ସହଜରେ ଶ୍ରୀମନ୍ଦିର ଦର୍ଶନ କରିପାରୁଥିବାରୁ ଏହାକୁ ଏକ ସାର୍ଥକ ପଦକ୍ଷେପ ବୋଲି କହିଥିଲେ। ଏହି ଯୋଜନାରେ ବିଶେଷ କରି ବୃଦ୍ଧ, ମହିଳା ଓ ଆର୍ଥିକ ଭାବେ ଅସମର୍ଥ ଭକ୍ତମାନଙ୍କୁ ପ୍ରାଥମିକତା ଦିଆଯାଇଛି। ଯାତ୍ରୀମାନଙ୍କ ପାଇଁ ଯାତାୟାତ, ଖାଦ୍ୟ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ସୁନିଶ୍ଚିତ କରାଯାଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନର ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ଉପସ୍ଥିତ ଥିଲେ।



# ଅବସରପ୍ରାପ୍ତ ସୈନିକଙ୍କୁ ୮ ବର୍ଷ ପରେ ମିଳିଲା ନ୍ୟାୟ



**ଢେଙ୍କାନାଳ,୧୦।୩(ସମିସ):** ସଦର ବ୍ଲକ୍ ଧିରପାଟଣା ଗ୍ରାମପଞ୍ଚାୟତ କୃଷ୍ଣପ୍ରସାଦ ଗ୍ରାମର ରତିରଞ୍ଜନ ଜେନା ନିଜ ବାଙ୍କୁଆଳ ମୌଜା ଜମିରେ ଘର କରିବା ପାଇଁ ୨୦୧୮ରେ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଢେଙ୍କାନାଳ ଶାଖାରୁ ୧୫ଲକ୍ଷ ଟଙ୍କା ହୋମ ଲୋନ୍ ନେଇଥିଲେ। ମାତ୍ର ସେହି ସମୟରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ୍‌ଏୱାଇ ସବ୍‌ସିଡି ସ୍କିମ୍ ୧/୧/୨୦୧୭ ଠାରୁ ୩୧/୩/୨୦୨୧ ପର୍ଯ୍ୟନ୍ତ ସାର୍କୁଲାରରେ ଉଲ୍ଲେଖ ଥିଲା। ଶ୍ରୀ ଜେନା ଗୃହ ଋଣ ନେବା ସମୟରେ, ବ୍ୟାଙ୍କ ପରିଚାଳକଙ୍କୁ କହିଥିଲେ ପିଏମ୍‌ଏୱାଇ ସବ୍‌ସିଡି ମାଧ୍ୟମରେ ଋଣ ପ୍ରଦାନ କରିବାକୁ। ବ୍ୟାଙ୍କ ମ୍ୟାନେଜର ପିଏମ୍‌ଏୱାଇ ସବସିଡି ସ୍କିମରେ ଲୋନ୍ ମଞ୍ଜୁରୀ କରି ଶ୍ରୀ ଜେନାଙ୍କ ଠାରୁ ଦସ୍ତଖତ ନେଇ ହୋମଲୋନ୍ ଦେଇଥିଲେ। ମାତ୍ର ଶ୍ରୀ ଜେନା ସେହି ସମୟରେ ଭାରତୀୟ ସ୍ଥଳ ସେନାରେ ମୁତୟନ ଥିବାରୁ ଫୋନ୍ ମାଧ୍ୟମରେ ବ୍ୟାଙ୍କ ମ୍ୟାନେଜରଙ୍କୁ ପିଏମ୍‌ଏୱାଇ ସବ୍‌ସିଡି କେବେ ସୁଦ୍ଧା ମିଳିବ ବୋଲି ପଚାରି ଆସୁଥିଲେ। ମାତ୍ର ବ୍ୟାଙ୍କ ମ୍ୟାନେଜର ତାଙ୍କୁ ମିଛ ଆଶ୍ୱାସନା ଦେଇଆସୁଥିଲେ କି ଆମେ ଦୀଲ୍ଲି ପଠାଇ ଦେଇଛୁ, ସେଠାରେ ସାଙ୍କସନ ହେଲେ ସବସିଡି ମିଳିବ। ଏହା ମଧ୍ୟରେ, ତିନିଜଣ ଶାଖା ପରିଚାଳକଙ୍କ ବଦଳି ହେଲା, କିନ୍ତୁ ସବ୍‌ସିଡି ମିଳିଲା ନାହିଁ। ନିଜ ଚାକିରିରୁ ଅବସର ନେବା ପରେ ଶ୍ରୀ ଜେନା ଶାଖା ପରିଚାଳକଙ୍କ ସହ ସାକ୍ଷାତ କରିଥିଲେ। ମାତ୍ର ସେ କୌଣସି ନା କୌଣସି ମିଥ୍ୟା ପ୍ରତିଶ୍ରୁତି ଦେଇ ଆସୁଥିଲେ। ଶେଷରେ ଶ୍ରୀ ଜେନା ୨୭ ଜାନୁଆରୀ ୨୦୨୫ରେ ଜିଲ୍ଲା ସ୍ଥାୟୀ ଲୋକ ଅଦାଲତର ଦ୍ୱାରସ୍ଥ ହୋଇ ବ୍ୟାଙ୍କ ନାମରେ କେଶ ଦାୟର କରିଥିଲେ। ଯାହା ଫଳରେ ଦୀର୍ଘ ୮ ବର୍ଷ ପରେ ଶ୍ରୀ ଜେନାଙ୍କୁ ଜିଲ୍ଲା ସ୍ଥାୟୀ ଲୋକ ଅଦାଲତ ଉପରୋକ୍ତ ପିଏମ୍‌ଏୱାଇ ସାର୍କୁଲାର ଅନୁସାରେ ୧୦ ମାର୍ଚ୍ଚ ୨୦୨୬ରେ ତାଙ୍କୁ ଟ୨.୩୫ ଲକ୍ଷର ସବ୍‌ସିଡି ମିଳିବ ବୋଲି ଶ୍ରୀ ଜେନା ଙ୍କ ସପକ୍ଷରେ ରାୟ ଦେଲେ। ଏହା ଦ୍ୱାରା ଶ୍ରୀ ଜେନା ଜିଲ୍ଲା ସ୍ଥାୟୀ ଲୋକ ଅଦାଲତଙ୍କ ନିକଟରେ ନିଜର କୃତଜ୍ଞତା ଜ୍ଞାପନ କରିଛନ୍ତି।

# ହାତୀ ଆକ୍ରମଣରେ ମୃତ ବ୍ୟକ୍ତିଙ୍କ ପରିବାରକୁ ଭେଟିଲେ ସାଂସଦ

**ହିନ୍ଦୋଳ/ଖଜୁରିଆକଟା,୧୦।୩(ସମିସ):** ଓଡ଼ାପଡ଼ା ବ୍ଲକ୍ ଇନ୍ଦିପୁର ପଞ୍ଚାୟତ ଅଧୀନ ୧୩ ନମ୍ବର ୱାର୍ଡ ଜୁଆଙ୍ଗ ସାହିର ଗୁରୁବାରି ପଧାନଙ୍କ ସ୍ତ୍ରୀ ସୁଷମା ପଧାନଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଯାଇଛି। ଏହି ଖବର ଜାଣିବା ପରେ ସାଂସଦ ରୁଦ୍ରନାରାୟଣ ପାଣି ଇନ୍ଦିପୁର ଗ୍ରାମକୁ ଯାଇ ମୃତକ ପରିବାରଙ୍କୁ ସମବେଦନା ଜଣାଇବା ସହିତ ତାଙ୍କ ପରିବାରକୁ କିଛି ଆର୍ଥିକ ସହଯୋଗ କରିଥିଲେ। ଏଥିସହ ସରକାରୀ ସହାୟତା ଯୋଗାଇ ଦେବାକୁ ବନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି।

ସେହିପରି ଏହି ସ୍ଥାନରେ ଉପସ୍ଥିତ ଥିବା କେତେକ ଅବହେଳିତ ଆର୍ଥିକ ଅନଗ୍ରସର ବ୍ୟକ୍ତି ନିଜ ନିଜର ଅଭାବ ଅସୁବିଧା ସମ୍ପର୍କରେ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ତ ଅଭିଯୋଗ ଶୁଣି ସେ ସମ୍ପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ସମସ୍ୟାର ସମାଧାନ କରିଥିଲେ। ଗ୍ରାମରେ ପାନୀୟ ଜଳ ସମସ୍ୟା, ଆଲୋକୀକରଣ ବ୍ୟବସ୍ଥା ସମ୍ପର୍କରେ ଗ୍ରାମବାସୀ ଶ୍ରୀ ପାଣିଙ୍କ ସହିତ ଆଲୋଚନା କରିଥିଲେ। ଏହି ସମୟରେ ସେଗୁଡ଼ିକର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମରେ ତାଙ୍କ ସହ ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ସୁଶାନ୍ତ ପତି, ଜିଲ୍ଲା ଉପ ସଭାପତି ସହଦେବ ପୃଷ୍ଟି, ଜିଲ୍ଲା ଉପସଭାନେତ୍ରୀ ଇତିଶ୍ରୀ ସାହୁ, ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ପ୍ରଧାନ, ମଣ୍ଡଳ ସଭାପତି ଜ୍ୟୋତିରଞ୍ଜନ ଜେନା, ବିଜେପି ନେତା ସନ୍ତୋଷ ନାଏକ, ରଣଜିତ୍ ନାୟକ, ଜ୍ୟୋତି ଶଙ୍କର ନାୟକ, ବିଭୂତି ସାହୁ, ରଣଜିତ ରାଉତ, ଗଦାଧର ସାହୁ, ଚନ୍ଦନ ସାହୁ, ମୋତିଲାଲ ପ୍ରଧାନ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ପରଲୋକ



**ଯୋରନ୍ଦା,୧୦।୩(ସମିସ):** ଗଁଦିଆ ବ୍ଲକ ଦଧିସିଙ୍ଗା ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ନରହରି ମହାନ୍ତି (୯୨)ଙ୍କର ରବିବାର ପରଲୋକ ହୋଇଯାଇଛି। ଦଧିସିଙ୍ଗା ଗ୍ରାମର ପୂଜ୍ୟପୂଜା ଅନୁଷ୍ଠାନର ବରିଷ୍ଠ ସଭ୍ୟ ଭାବେ ଗତବର୍ଷ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀର୍ଘ ବର୍ଷ ହେଲା ମହିମାଗାଦି ସାଧୁସନ୍ଥମାନଙ୍କର ସେବା କରିବା ସହିତ ମହିମା ଧର୍ମ ସମ୍ପର୍କରେ ବହୁ ଜ୍ଞାନ ଆହରଣ କରିଥିଲେ। ଗ୍ରାମର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପରଲୋକରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଶ୍ରୀମଦ୍ ଭାଗବତ ପାରାୟଣ ଉଦ୍‌ଯାପିତ

**ଢେଙ୍କାନାଳ,୧୦।୩(ସମିସ):** ସ୍ଥାନୀୟ ରଥଗଡ଼ାସ୍ଥିତ ଦଧିବାମନ ମଠ ପ୍ରାଙ୍ଗଣରେ ଶ୍ରୀମଦ୍ ଭାଗବତ ପରିଷଦ ଚଳିତ ବର୍ଷ ଏହାର ୪୨ତମ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଶ୍ରୀମଦ୍ ଚୈତନ୍ୟ ମହାପ୍ରଭୁଙ୍କ ଜନ୍ମ ତିଥି ଫାଲ୍‌ଗୁନ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳନ ହୋଇଯାଇଅଛି। ପ୍ରଥମ ସନ୍ଧ୍ୟାରେ ପ୍ରଶାସନିକା ସୌଦାମିନୀ ସାହୁ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭ ଉଦ୍‌ଘାଟନ କରି ଅତ୍ୟନ୍ତ ଭାବ ପ୍ରବଣ ହୋଇ ଏଭଳି ପବିତ୍ର ଆଧ୍ୟାତ୍ମିକ ପରିବେଶରେ ଯୋଗ ଦେଇଥିବାରୁ ନିଜକୁ ଧନ୍ୟ ମନେ କରିଥିଲେ। ଡଃ ପ୍ରଫୁଲ୍ଲ କୁମାର ମିଶ୍ର ତାଙ୍କ ସ୍ୱଭାବ ସୁଲଭ କଣ୍ଠରେ ସଙ୍ଗୀତ ସହିତ ଭାବଗମ୍ଭୀର ଭାଗବତ କଥାରେ ଜୀବମାନଙ୍କର କଲ୍ୟାଣ ସାଧିତ ହୋଇ ତାତ୍ତ୍ୱିକ ତଥ୍ୟମାନ ଉପସ୍ଥାପନ କରିଥିଲେ। ସମସ୍ତ ପରିଷଦର କର୍ମକର୍ତ୍ତା ଓ ସଜ୍ଜନ ଶ୍ରୋତାମାନେ ପ୍ରବକ୍ତାଙ୍କୁ କୃତଜ୍ଞତା ପ୍ରଦାନ ପୂର୍ବକ ଆଜର କାର୍ଯ୍ୟକ୍ରମ ସାଙ୍ଗ କରାଗଲା ବୋଲି ବ୍ରଜ କିଶୋର ପାତ୍ର ଜଣାଇଥିଲେ ଏହି ଅବସରରେ ପ୍ରବକ୍ତା ଭାବେ ଡଃ ପ୍ରଫୁଲ୍ଲ କୁମାର ମିଶ୍ର, ପଣ୍ଡିତ ପ୍ରତାପ କିଶୋ ନନ୍ଦ, ବାଣୀଭୂଷଣ ପଣ୍ଡିତ ବିନୋଦ ବିହାରୀ ନାୟକ, ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଜୀ ମହାରାଜ, ବାବାଜୀ ଯଶୋଦାନନ୍ଦନ ଦାସଜୀ ମହାରାଜ ଓ ଭାଗବତ ବାଣୀଭୂଷଣ ପଣ୍ଡିତ ସୁବୋଧ ପଣ୍ଡା, ଭାଗବତ ବାଣୀ ଭୂଷଣ ପଣ୍ଡିତ ସୁବୋଧ ପଣ୍ଡା ପ୍ରବଚନ ଦେଇଥିଲେ। ଢେଙ୍କାନାଳ ଭାଗବତ ମଣ୍ଡପର ସଂସ୍ଥାପକ ବାବାଜୀ ବନମାଳୀ ଦାସଜୀ ମହାରାଜଙ୍କୁ ଭକ୍ତି ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ସଭାପତି ସତ୍ୟପ୍ରିୟ ରଥ, ସମ୍ପାଦକ ପରେଶ ପଟ୍ଟନାୟକଙ୍କ ସମେତ ସମସ୍ତ ସଭ୍ୟବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ।



# ମା' ବ୍ରାହ୍ମଣୀଦେବୀଙ୍କ ଯଜ୍ଞ ଆରମ୍ଭ



**ଗଁଦିଆ,୧୦।୩(ସମିସ):** ଗଁଦିଆ ବ୍ଲକ୍ କରମୂଳ ଗ୍ରାମ ପଞ୍ଚାୟତ ଆମ୍ବପଡ଼ା ଗ୍ରାମର ଗ୍ରାମ ଦେବତୀ ମା' ବ୍ରାହ୍ମଣୀ ଦେବୀଙ୍କ ପୀଠରେ ସପ୍ତମ ବାର୍ଷିକ ଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହେଇଯାଇଛି। ମହିଳାମାନେ କଳସ ଯାତ୍ରାରେ ସାମିଲ ହୋଇ ପୁଣ୍ୟତୋୟା ବ୍ରାହ୍ମଣୀ ନଦୀରୁ ଜଳ ଆଣି କଳସ ସ୍ଥାପନ କରିଥିଲେ। ସକାଳ ସମୟରେ ସୂର୍ଯ୍ୟ ପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ଯଜ୍ଞ ଅନୁଷ୍ଠିତ ହେଇଯାଇଛି। କର୍ତ୍ତା ଭାବେ ଟୁନା ପାଣିଗ୍ରାହୀ ଓ ପତ୍ନୀ ବିଦ୍ୟୁତ ପ୍ରଭା ପାଣିଗ୍ରାହୀ କାର୍ଯ୍ୟ ତୁଲାଉଛନ୍ତି। ପଣ୍ଡିତ ସିଦ୍ଧେଶ୍ୱର ମିଶ୍ର, ଚିତ୍ତରଞ୍ଜନ ମହାପାତ୍ର, ଶାନ୍ତନୁ ଦାସ ପୂଜା ପାଠ କରିଥିଲେ। ଗ୍ରାମର ସଭାପତି ବିକ୍ରମାଦିତ୍ୟ ପାଣିଗ୍ରାହୀ ସମ୍ପାଦକ ପ୍ରଦ୍ୟୁମ୍ନ ପଣ୍ଡା, ଚିନ୍ତାମଣି ପାଣିଗ୍ରାହୀ, ଲକ୍ଷ୍ମୀଧର ବେହେରା, ବିଶ୍ୱନାଥ ମହାନ୍ତି, ଦୟାନିଧି ମହାନ୍ତି, କବିର ମହାନ୍ତି, ଗିରିଧାରୀ ବେହେରା, ଚକ୍ରଧର ପାଣିଗ୍ରାହୀ, କମଳ ପଣ୍ଡା, ସିଦ୍ଧାନ୍ତ ଦାଶ, ଗଦାଧର ପ୍ରଧାନ, ଗଦାଧର ମହାନ୍ତି, ଜୟନ୍ତ ଦାଶ, ରୋତାଶ ହୋତା, ବାବୁଲି ନାୟକ ପ୍ରମୁଖ କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପାଦନ କରିଥିଲେ।

# ଖାଇବା ତେଲ କଳାବଜାର; ପ୍ୟାକେଟ୍ ପିଛା ୨୦ ଟଙ୍କା ବୃଦ୍ଧି

**ଅନୁଗୋଳ,୧୦।୩(ସମିସ):** ଆଜିଠାରୁ ଅନୁଗୋଳ ବଜାରରେ ଖାଇବା ତେଲ ବିଶେଷକରି ରିଫାଇନ ତେଲ କଳା ବଜାର ଆରମ୍ଭ ହୋଇଛି। ବଡ଼ ବଡ଼ ସପିଙ୍ଗ ମଲ ଠାରୁ ଖୁଚୁରା ଦୋକାନରେ ତେଲ ଦର ବୃଦ୍ଧି ପାଇଛି। ସୂର୍ଯ୍ୟମୁଖୀ ତେଲ ଦେଢ଼ ଶହ ଯାଗାରେ ୧୭୦ଟଙ୍କା ବିକ୍ରିହେଉଛି। ଅନୁଗୋଳର ମସଜିଦ ଛକ ଓ ଗାନ୍ଧୀ ମାର୍ଗ ଅଞ୍ଚଳରେ ଥିବା ହୋଲସେଲର ମାନେ ଏହି ତେଲ କଳାବଜାର କରୁଥିବା ଅଭିଯୋଗ ହୋଇଛି। ତେଲ ବେପାରୀଙ୍କ ଏଜେଣ୍ଟ ମାନେ ଖୁଚୁରା ଦୋକାନକୁ ଯାଇ ଆଉ ମାଲ୍ ନାହିଁ, ପେଟି ବିକ ନାହିଁ, ମାଲ୍ ଆସୁନାହିଁ କହି ଅର୍ଡର ବାତିଲ କରିଥିବା ଖବର ମିଳିଛି। ସହର ଭିତରେ ଥିବା ଗୁପ୍ତ ଗୋଦାମ ଓ ସହର ବାହାରେ ଥିବା ଗୋଦାମରେ ମାଲ୍ ରଖି କୃତ୍ରିମ ଅଭାବ ସୃଷ୍ଟି କରି ଆତଙ୍କ ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଉଛି। ଗ୍ୟାସ ଦର ବଢ଼ିବା ପରେ ତେଲର ଏଭଳି କଳାବଜାର ଲୋକଙ୍କୁ ବେଶ୍ କ୍ଷୁବ୍ଧ କରୁଛି। ଜିଲ୍ଲା ଯୋଗାଣ ବିଭାଗ ତୁରନ୍ତ ଚଢ଼ଉ କରି ତେଲର ସୁଷମ ବଣ୍ଟନ କରିବାକୁ ଦାବି ହେଉଛି। ନଚେତ୍ ପରିସ୍ଥିତି ଅସମ୍ଭାଳ ହେବା ସହ ସରକାର ଅଯଥା ନିନ୍ଦିତ ହେବାର ସମ୍ଭାବନା ରହିଛି।

## ଯାଦବ ମହାସଭା ପକ୍ଷରୁ ସାତଦୋଳ ଉତ୍ସବ

# ଲଉଡ଼ି ଖେଳ, ରୋଷଣିରେ ଦୁଲକିଲା ସହର

**ଢେଙ୍କାନାଳ,୧୦।୩(ସମିସ):**

ସ୍ଥାନୀୟ ଯଦୁପତି ବିହାର ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଯାଦବ ମହାସଭା ପକ୍ଷରୁ ସାତଦୋଳ ଉତ୍ସବ ମହାସମାରୋହରେ ପାଳିତ



ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଜୟ ଗୋପାଳ ସାହି ସ୍ଥିତ ରାଧାକୃଷ୍ଣ ମନ୍ଦିର ଠାରୁ ରାଧାକୃଷ୍ଣ ବିମାନ ସହ ଯାଦବମାନଙ୍କର ଏକ ବିରାଟ ଲଉଡ଼ି ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିସହ ଆରାଧ ଦେବ ଶ୍ରୀଶ୍ରୀ ସିଦ୍ଧବଳରାମଜିଉଙ୍କ ମନ୍ଦିର ପରିକ୍ରମା ପରେ ଜୁବୁଲି ଟାଉନସ୍ଥିତ ଯଦୁପତି ବିହାର ରାଧାକୃଷ୍ଣ ମନ୍ଦିରଠାରେ ପହଞ୍ଚିଥିଲେ। ଏହି ଲଉଡ଼ି ଶୋଭାଯାତ୍ରାର ଲଉଡ଼ି ଖେଳର ବାଜା, ରୋଷଣିରେ ସହର ଦୁଲକି ଉଠିଥିଲାବେଳେ ସହରବାସୀ ଏହି ଚିତ୍ତାକର୍ଷକ ଲଉଡ଼ି ଖେଳକୁ ଆନନ୍ଦର ସହ ଉପଭୋଗ କରିଥିଲେ। ଏହି ଶୋଭାଯାତ୍ରାର ଲଉଡ଼ି ଖେଳରେ କରମୂଳ (ଖ), କାଙ୍କଡ଼ପାଳ (କ), କରମୂଳ(କ), ଠାକୁରପାଳ, ଦଣ୍ଡେଇବେରିଣୀ, ଆଛନ୍ଦ, ଆଦିପୁରା, ଟଭାପାଳ, ରାଞ୍ଜା, ଜଙ୍ଗିରା, ଦୁଦୁକାଟେଣୀ ଓ ଗହମଖଣ୍ଟି ଗ୍ରାମ ଲଉଡ଼ି ଦଳ ସମେତ ୧୨ଟି ଦଳ ଭାଗ ନେଇଥିଲେ। ପରେ ସନ୍ଧ୍ୟା ୯ଟା ସମୟରେ ଯଦୁପତି ବିହାର ପ୍ରାଙ୍ଗଣରେ ଆୟୋଜିତ ଲଉଡ଼ି ଖେଳରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲଉଡ଼ି ଦଳ ଯୋଗଦେଇ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ନିଜର କଳାକୌଶଳ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ଯାଦବ ମହାସଭା ସଭାପତି ପ୍ରମୋଦ କୁମାର ବେହେରା, ସମ୍ପାଦକ ସଚିନ ଦାସ, ଲଉଡ଼ି ଯାତ୍ରାକମିଟି ସଭାପତି ବିଷ୍ଣୁ ଚରଣ ବେହେରା, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରକାନ୍ତ ବେହେରା, ଯାତ୍ରା କମିଟି ସମ୍ପାଦକ ଜ୍ଞାନରଞ୍ଜନ ଭୂତିଆ, ଶିଶିର କାନ୍ତ ବେହେରା, ବିଜୟ କୁମାର ବେହେରା, ଦେବୀପ୍ରସାଦ ଭୂତିଆ, ଜଗନ୍ନାଥ ବେହେରା, ଅକ୍ଷୟ କୁମାର ଭୋଇ, ଶୀକାନ୍ତ ବେହେରା, ସନ୍ତୋଷ ମହାଖୁଡ଼, ମିଳନ ବେହେରା, ସୁବ୍ରତ ବେହେରା, ଗଙ୍ଗାଧର ରାଉତ, ସନାତନ ବେହେରା, ରାମଚନ୍ଦ୍ର ବେହେରା, ଭୁବନାନନ୍ଦ ନାୟକ, ବିମଳ କୁମାର ବେହେରା, ନରହରି ଦାସ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଯାତ୍ରା ଅୟୋଜନ ହୋଇଥିଲା।

### ଥାନା ପରିସରରେ ଛଅଦୋଳ ଯାତ୍ରା

**ଗଁଦିଆ:** ଗଁଦିଆ ଥାନା ଭିତରେ ଧୂମଧାମରେ ପାଳିତ ହେଉଛି ଛଅଦୋଳ ଯାତ୍ରା। ଏଠାରେ ସ୍ୱାଧୀନତା ପୂର୍ବରୁ ଏହି ପରମ୍ପରା ରହି ଆସିଛି। ପ୍ରତିବର୍ଷ ଛଅ ଦୋଳ ଏହି ଥାନା ପରିସର ମଧ୍ୟରେ ପାଳନ କରାଯାଇଥାଏ। ଏହି ଯାତ୍ରା କେଉଁ କାଳରୁ ପୁଲିସ ଆଉ ସାଧାରଣ ଲୋକଙ୍କ ମଧ୍ୟରେ ଭାଇଚାରାର ପ୍ରତୀକ ହୋଇ ରହିଛି। ପ୍ରଥମେ ଗତକାଲି ସନ୍ଧ୍ୟାରେ ପୁରୋହଖୋଜ ଠାରୁ ଠାକୁରଙ୍କୁ ସୁସଜ୍ଜିତ ବିମାନରେ ସମ୍ପୂର୍ଣ୍ଣ ପାରମ୍ପରିକ ଧର୍ମୀୟ ରୀତିନୀତି ଅନୁଯାୟୀ ଠାକୁଙ୍କୁ



ନାମସଙ୍କୀର୍ତ୍ତନ, ଲଉଡ଼ି ବାଡ଼ି ମଧ୍ୟରେ ଏକ ବିରାଟ ଶୋଭାଯାତ୍ରାରେ ଏହି ଦୋଳବିମାନଙ୍କୁ ଥାନା ପରିସରରେ ଥିବା ଦୋଳ ମଣ୍ଡପରେ ବିରାଜମାନ କରାଯାଇଥିଲା। ପରେ ବ୍ରାହ୍ମଣଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବା ସହ କର୍ତ୍ତା ଭାବରେ ଗଁଦିଆ ଥାନା ଅଧିକାରୀ ପ୍ରତାପ କୁମାର ଦଳେଇ ଯୋଗଦାନ କରି ଠାକୁରଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହାପରେ ପାରମ୍ପରିକ ପ୍ରଥାରେ ପ୍ରତିବର୍ଷ ପରି ସର୍ବସାଧାରଣଙ୍କ ପାଇଁ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅପେରା ପରିବେଷଣ କରାଯାଇଥିଲା। ଏହି ଛଅଦୋଳ ପର୍ବ ଦୀର୍ଘ ୯୧ ବର୍ଷ ଧରି ଥାନାରେ ପାଳନ କରାଯାଇଛି ବୋଲି ଅଞ୍ଚଳବାସୀ କହିଛନ୍ତି।

### ମକୁନ୍ଦପୁରରେ ପଞ୍ଚୁଦୋଳ ମେଳଣ

**ଗଁଦିଆ:** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ୍ ଅନ୍ତର୍ଗତ କରମୂଳ ପଞ୍ଚାୟତ ମକୁନ୍ଦପୁର ଗ୍ରାମରେ ପଞ୍ଚୁଦୋଳ ଉତ୍ସବ ପାଳିତ ହୋଇଯାଇଛି। ପାରମ୍ପରିକ ଘଣ୍ଟଘଣ୍ଟା, ମୃଦଙ୍ଗ, ଝାଞ୍ଜ ଓ କାହାଳୀ ବାଦ୍ୟରେ ଗାଁ ଦାଣ୍ଡ ଦୁଲୁକିଥିଲା। ଫଗୁ ଦଶମୀ ତିଥିରୁ



ପଞ୍ଚୁଦୋଳ ଯାଏଁ ଗ୍ରାମର ଆରାଧ ଦେବତା ପ୍ରଭୁ ରାଧାକୃଷ୍ଣଙ୍କୁ ଅବିର ଲାଗି କରାଯିବା ସହ ଘରେଘରେ ଚାଚେରି ଭୋଗ ଲାଗି କରାଯାଇଥିଲା। ପଞ୍ଚୁଦୋଳ ଦିନ ସନ୍ଧ୍ୟାରେ ପାରମ୍ପରିକ ରୀତିନୀତି ଅନୁଯାୟୀ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇ ସୁସଜ୍ଜିତ ବିମାନରେ ଦୋଳ ମେଳଣକୁ ନିଆଯାଇଥିଲା। ପଞ୍ଚୁଦୋଳ ଉତ୍ସବ ପାଳନ ଅବସରରେ ପାଞ୍ଚ ଗ୍ରାମରୁ ସୁସଜ୍ଜିତ ଦୋଳ ବିମାନରେ ଚଳନ୍ତି ପ୍ରତିମା ସାମିଲ ହୋଇଥିଲେ। ଆମ୍ବପଡ଼ା, ବଡୁରିଆ ଗୋପାଳପୁର ଓ ବଲ୍ଲଭ ଆଦି ଗ୍ରାମର ଆରାଧ ଠାକୁର ରାଧାକୃଷ୍ଣଙ୍କ ସୁସଜ୍ଜିତ ବିମାନ ମେଳଣରେ ଆକର୍ଷଣ ସାଜିଥିଲା। ପାଞ୍ଚ ଗାଁର ଠାକୁରଙ୍କୁ ଦୋଳ ବିମାନରେ ଅବିର ଲାଗି ପରେ ଗ୍ରାମ୍ୟ ପରିକ୍ରମା କରି ଦୋଳ ପିଣ୍ଡିରେ ବସାଯାଇଥିଲା। ଗୋପାଳମାନଙ୍କ ଚିତ୍ତାକର୍ଷକ ଲଉଡ଼ି ଖେଳ ଓ ନାମ ସଙ୍କୀର୍ତ୍ତନରେ ପରିବେଶ ଉତ୍ସବ ମୁଖର ହୋଇଉଠିଥିଲା। ପରସ୍ପରକୁ ଅବିର ଓ ପଗୁ ବୋଳି ଗାଁ ଲୋକେ ଏହି ଉତ୍ସବରେ ମାତିଥିଲେ। ଏହି ଅବସରରେ ଗ୍ରାମରେ ଦୁଇ ଦିନଧରି ଅପେରା ପରିବେଷଣ ହେବ। ଦୋଳ ମେଳଣ ଓ ଅପେରା ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଗ୍ରାମର କମିଟି ଏବଂ କ୍ଲବ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ସକାଳ
THE SAKALA



# ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରେ କଟୁଛି ଜଗବନ୍ଧୁଙ୍କ ଜୀବନ

ରାଜକନିକା, ୧୦।୩(ସମିସ)



ସରକାରଙ୍କ ବହୁ ଜନକଲ୍ୟାଣ ଯୋଜନା କାର୍ଯ୍ୟକାରୀ ହେଉଥିବାବେଳେ ଜଣେ ଅସହାୟ ବୃଦ୍ଧ ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରେ ଦୁଇବର୍ଷ ଧରି ପଡି ରହିବା ଆମ ଦାରିଦ୍ର୍ୟ ଦୂରୀକରଣ ବ୍ୟବସ୍ଥାକୁ ଉପହାସ କରୁଛି। ଘୋଷଣାନାମାରେ ଗରିବ ହଟିବା କଥାକୁ ଜୋର ଦେଉଥିବାବେଳେ ପ୍ରଶାସନିକ ବ୍ୟବସ୍ଥା ମଧ୍ୟ ଜଣେ ଅସହାୟ ଗୃହହୀନ ବ୍ୟକ୍ତିଙ୍କୁ ଘର ଦେଇ ନ ପାରିବା ଆମ ଜନପ୍ରତିନିଧି ଓ ଅମଲାତନ୍ତ୍ରକୁ ଖୋଲା ଚ୍ୟାଲେଞ୍ଜ ଦେଇଛି।

ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତ ଅନ୍ଧାରଘରଣୀ ଠାକୁରାଣୀ ସଂଲଗ୍ନ ଅଚ୍ୟୁତପୁର ହାଟ ମାର୍କେଟ କମ୍ପ୍ଲେକ୍ସ ବାରଣ୍ଡାରେ ଏକ ବାଉଁଶ ଭାଡ଼ି ଉପରେ ଜୀବନ କାଟୁଥିବା ଅଚ୍ୟୁତପୁର ଗ୍ରାମର ଜଗବନ୍ଧୁ ଜେନାଙ୍କ ପାଇଁ ଆବାସ ସାତସପନ ହୋଇଛି। ଚାଲିବାକୁ ବଳ ନାହିଁ, ଆଖିକୁ ଭଲ ଦିଶୁ ନାହିଁ କି କାନକୁ ଭଲ ଶୁଭୁନାହିଁ। ତାଙ୍କର ଏହି ଦହଗଞ୍ଜ ଜୀବନ ଦେଖିଲେ ସତରେ ମଣିଷପଣିଆ ବିଦ୍ରୋହ କରିବ। ଏଭଳି ଅବସ୍ଥାରେ ଦିନର ଗହଳଚହଳ ଭିତରେ ସିନା ବିତିଯାଉଛି, ହେଲେ ରାତିର ଅନ୍ଧାରରେ କୁକୁର, ବିଲୁଆ ଓ ସରୀସୃପଙ୍କ ସହ ମଶାଙ୍କ ଉତ୍ପାତରେ ଆଃ କହିବାକୁ କେହି ନାହିଁ। ଥରୁ ଥରୁ ହାତରେ ନଇଁ ନଇଁ ଟିକେ ଉଠିବା, ପାଣି ପିଇବା, ନିତ୍ୟକର୍ମ କରିହେଉଛି ସିନା ଚଳିବା ପାଇଁ ମାସକ ଭତ୍ତା ହିଁ ଭରସା। କେହି ଜଣେ ବଦାନ୍ୟ ବ୍ୟକ୍ତିଙ୍କ ସାହାରାରେ ଧୁଡୁ ଧୁଡ଼ିଆ ଜୀବନ ଧରି ନିହାତି ଏକା ଜଗବନ୍ଧୁ ବଞ୍ଚିଥିଲେ ବି କେହି ତାଙ୍କର ଅସହାୟତା ପାଇଁ ନଜର ଦେଉ ନ ଥିବା କହିଛନ୍ତି। ଏଭଳି ସ୍ଥିତିରେ ପଡି ପଡି ବଞ୍ଚିଥିବା ଜୀବନ ପ୍ରତି ରାଜକନିକା ବ୍ଲକ ପ୍ରଶାସନ ନଜର ଦେଇ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଓସଙ୍ଗରାରେ ବିଶ୍ୱଶାନ୍ତି ମହାଯଜ୍ଞ

ପଟ୍ଟାମୁଣ୍ଡାଇ,୧୦।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଓସଙ୍ଗରା ଗ୍ରାମର ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୧୨ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବହୁ ବେଦଜ୍ଞ ବ୍ରାହ୍ମଣ ପଣ୍ଡିତ ଯଜ୍ଞର ସମସ୍ତ ନୀତିକ୍ରାନ୍ତି ସମ୍ପନ୍ନ କରିଥିଲେ। ବହୁ ପ୍ରତିଷ୍ଠିତ ପ୍ରବଚକ ପ୍ରବଚନ ଦେଇଥିଲେ। ମହାଯଜ୍ଞର ବିଭିନ୍ନ ଦିବସରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ସମିତି ସଭ୍ୟ ସୁନୀଲ ସାମନ୍ତରାୟ, ବିଜେପି ନେତା ମିଟୁ ମନୋଜ ନାୟକ, ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର, ଗ୍ରାମାଞ୍ଚଳ ଥାନା ଆଇଆଇସି ଶ୍ରୀକାନ୍ତ ବାରିକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ଦାସ, ଯୁବନେତା ଜ୍ୟୋତିପ୍ରକାଶ ପ୍ରଧାନ ଓ ସ୍ୱାଗତ ଦାସଙ୍କ ସମେତ ହଜାର ହଜାର ଶ୍ରଦ୍ଧାଳୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ମା' ବୁଢ଼ୀଜାଇ କମିଟି ସଭାପତି ସମାଜସେବୀ ସଞ୍ଜୟ ସ୍ୱାଇଁ, ସମ୍ପାଦକ ଗଗନ ସ୍ୱାଇଁ, ପ୍ରତାପ ରାୟ, ସନ୍ତୋଷ ସ୍ୱାଇଁ, ବସନ୍ତ ପଲାଇ ପ୍ରମୁଖ ପରିଚାଳନା କରିଥିଲେ।

## ରୁଣାଡିହା ଆର୍‌ଡି ବିଭାଗ ରାସ୍ତା ଶୋଚନୀୟ

ରାଜକନିକା,୧୦।୩(ସମିସ): ରାଜକନିକା ବ୍ଲକ୍ ଅନ୍ତର୍ଗତ ବରୁଣାଡିହା ଗ୍ରାମ ଆର୍‌ଡି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଫଳରେ ଯାତାୟାତରେ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି ଲୋକେ। ତୁରନ୍ତ ରାସ୍ତା ମରାମତି ନିମନ୍ତେ ଦାବି ହେଉଛି।



ଚରପଡା-ଭାରିଗଦା ରାସ୍ତାଟି ଜଳ ସମ୍ପଦ ବିଭାଗ ଅଧୀନରେ ଥିଲା। କିଛିଦିନ ହେବ ଦେଉଳତରାରୁ ଭାରିଗଦା ସେତୁ ପର୍ଯ୍ୟନ୍ତ ଆର୍‌ଡି ବିଭାଗର ଅଧୀନରେ ରହିଛି। ପ୍ରାୟ ଦୁଇବର୍ଷ ତଳେ ରାସ୍ତା ଅବସ୍ଥା ଖରାପ ଯୋଗୁଁ ଅଞ୍ଚଳବାସୀ ଅସୁବିଧାରେ ସମ୍ମୁଖୀନ ହେବାର ଖବର ବାରମ୍ବାର ପ୍ରକାଶ ପାଇବା ପରେ ଏହି ରାସ୍ତାଟି ପିଚୁ ହୋଇଥିଲା। ତାହା ଏବେ ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହୋଇଛି। ମେଟାଲ୍ ରାସ୍ତାରୁ ବାହାରି ବିକ୍ଷିପ୍ତ ଭାବେ ପଡ଼ିରହିଛି। ବାଇକ୍ ଆରୋହୀ ନାହିଁ ନ ଥିବା ହୀନସ୍ତା ଭୋଗୁଥିବାବେଳେ ପାଦ ଚଲା ଲୋକ ବି ଖଣ୍ଡିଆ ଖାବରା ହେଉଛନ୍ତି। ବିଭିନ୍ନ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟି ଆହତ ବି ହେଉଛନ୍ତି। ଏ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବର୍ଷାଦିନ ଆଗରୁ ଯଦି ରାସ୍ତା ମରାମତି ନ ହୁଏ ତେବେ ଆହୁରି ସଙ୍ଗୀନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଲାଣି। ବିଭାଗୀୟ ଉଚ୍ଚ ପଦାଧିକାରୀ ସରଜମିନ ତଦନ୍ତ କରି ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

● ମାନପୁର ସ୍କୁଲର ନିର୍ମାଣ କାମ

## ମାଂସ ଦୋକାନରେ ଲାଗିଛି ଫଳକ

ରାଜକନିକା,୧୦।୩(ସମିସ): ଯେକୌଣସି ସରକାରୀ କାମ ଆରମ୍ଭରୁ ସୂଚନା ଫଳକ ଲଗାଯିବା ନିୟମ ରହିଛି। ତାହା ପୁଣି ନିର୍ମାଣ ସ୍ଥାନରେ। ଫଳରେ ସରକାରୀ ତଥ୍ୟ ସର୍ବସାଧାରଣ ଜାଣିପାରିବେ। ତେବେ ଏମିତି ଏକ ଫଳକ ସୋସିଆଲ ମିଡିଆରେ ଭାଇରାଲ୍ ହେଉଛି, ତାହାକୁ ନେଇ ସବୁଠି ଚର୍ଚ୍ଚା ହେଉଛି। ରାଜକନିକା ବ୍ଲକ ବାହ୍ମା ଦୋମଣ୍ଡ ପଞ୍ଚାୟତର ମାନପୁର ପିୟୁଜିୟୁପି ସ୍କୁଲ କାମକୁ ନେଇ ହୋଇଛି। ସିଏଫସି ଫଣ୍ଡ ଅନ୍ତର୍ଗତ ପ୍ରୋଜେକ୍ଟ କୋଡ ୧୨୨/୦୦୮୦୭ରେ ୨୦୨୫-୨୬ ନିମନ୍ତେ କାମ ହୋଇଛି। ଯାହାର ଅଟକଳ ଦୁଇ ଲକ୍ଷ ଟଙ୍କା ଦର୍ଶାଯାଇଛି। ଏହି ପ୍ରକଳ୍ପ କାମ ବିଭାଗୀୟ ହାତରେ ରହିଛି ବୋଲି ଫଳକରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ତେବେ ଚକିତ କଲା ଭଳି କଥା ହେଉଛି ଯେ ଏହି ଫଳକଟି ସ୍କୁଲ ପାଖରେ ଅର୍ଥାତ ନିର୍ମାଣ ସ୍ଥଳରେ ନ ରହି ପ୍ରାୟ ୧୫ କିମି ଦୂର କଣ୍ଟପଡ଼ା ବଜାରର ଏକ ମାଂସ ଦୋକାନ ଭିତରେ ଲାଗିଛି। ଏହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆଗରୁ ମଧ୍ୟ ବିଭିନ୍ନ ପଞ୍ଚାୟତର ବିକାଶମୂଳକ କାମର ଫଳକ ପଞ୍ଚାୟତ ଡେଇଁ ରାଜକନିକା ସଦର କାନ୍ଥରେ ଲାଗି ଚର୍ଚ୍ଚାକୁ ଆସିଛି। ପୁଣି ଏଭଳି ଘଟଣା ଦେଖିବାକୁ ମିଳିଛି। ଜିଲ୍ଲାପାଳ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଡିଓ କୈଳାସ ମହାଳିକ କହିଛନ୍ତି, ମୁଁ ଜେଇଙ୍କୁ କହିଛି କାଲି ସେ ବୁଝିକି ସୂଚନା ଦେବେ। ପ୍ରକୃତ ପକ୍ଷେ ଏଭଳି ଫଳକ ଲାଗିଥିବାରୁ ଏଥିରେ ଘୋଟାଲା ହେବା ନେଇ ସନ୍ଦେହ ତ ବଢୁଛି। କେବଳ ତଦନ୍ତ ପରେ ତାହା ସ୍ପଷ୍ଟ ହେବ।



## ବିଭିନ୍ନ ସଂଗଠନ ପକ୍ଷରୁ ମହିଳା ଦିବସ




କୁଜଙ୍ଗ,୧୦।୩(ସମିସ): ଉତ୍କଳ ମହିଳା ସମିତି ପକ୍ଷରୁ କୁଜଙ୍ଗ ଲୋକନାଥ ଭବନରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଦିବସକୁ କବି ଗୀତା ଦାସ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ପରେ ଶହ ଶହ ମହିଳା ଏକାଠି ହୋଇ କୁଜଙ୍ଗ ବଜାର ପରିକ୍ରମା କରିବା ସହ କୁଜଙ୍ଗ ସୂଚନା କେନ୍ଦ୍ରରେ ସମାବେଶ କରିଥିଲେ। ନାରୀ ନେତ୍ରୀ ରୋଜାଲିନ ଦାସ, ପ୍ରତିମା ମାଲିକ, ସତିଭାମା ସ୍ୱାଇଁଙ୍କ ନେଇ ତିନି ଜଣିଆ ସଭାପତି ମଣ୍ଡଳୀଙ୍କ ଦ୍ୱାରା ଏହି ସମାବେଶରେ ଉତ୍କଳ ମହିଳା ସମିତି ରାଜ୍ୟ ସମ୍ପାଦିକା ଜିନ୍ମୟୀ ସାହାଣୀ ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। କବି ରୁନୁବାଳା ମଲିକ, ଶିକ୍ଷାବିତ୍ ବସନ୍ତ କୁମାର ସାମଲ, ରାମଚନ୍ଦ୍ର ମୁଦୁଲି, ଅଜୟ କୁମାର ବେହେରା, ବାସୁଦେବ ଖଣ୍ଡୁଆଳ, ଶରତ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଆଲୋଚନାରେ ଭାଗ ନେଇଥିଲେ। ମୁଖ୍ୟ ଅତିଥି ରୂପେ ଅଧ୍ୟାପିକା ରୋଜାଲିନ ଜେନା ଯୋଗ ଦେଇଥିଲେ। ପ୍ରତିମା ତରାଇ, ସୁଗତି ଦଳାଇ, ମହେଶ୍ୱତା ମଲ୍ଲ, ସୁଜାତା ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ପାରାଦୀପ:** ପାରାଦୀପ ଫସଫେଟ୍ସ ଲିମିଟେଡ୍ ପକ୍ଷରୁ ପିପିଏଲ ପରିସରରେ ଗତକାଲି ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଉତ୍କଳଦୀପ ମହିଳା କୃଷକ ଉତ୍ପାଦକ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚିଫ୍ ମାନୁଫ୍ୟାକଚରିଂ ଅଫିସର




(ସିଏମଓ) ପାଲାନିସ୍ୱାମୀ ଭେଲୁସ୍ୱାମୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଙ୍ଗରାଜପୁର, ଭୁତମୁଣ୍ଡାଇ, ହଂସୀନା ସମେତ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫୩୪ ଜଣ ମହିଳା ଅଂଶଗ୍ରହଣ କରିଥିଲେ। କମ୍ପାନୀର ପାରିପାର୍ଶିକ ଉନ୍ନୟନ କାର୍ଯ୍ୟ ଅଧୀନରେ ଏହି ପଞ୍ଚାୟତ ସ୍ତରରେ ମହିଳା ସଶକ୍ତିକରଣ କାର୍ଯ୍ୟ କରାଯାଉଛି। ଛତୁ ଚାଷ ଠାରୁ ଆରମ୍ଭ କରି ଜୈବିକ ଖତ ପର୍ଯ୍ୟନ୍ତ କାମ ମହିଳା ମାନଙ୍କ ସହଯୋଗରେ ହିଁ କରାଯାଉଛି। ଏହା ଦ୍ୱାରା ୫୦୦ରୁ ଊର୍ଦ୍ଧ୍ୱ ମହିଳା ରୋଜଗାରକ୍ଷମ ହୋଇ ପାରିଛନ୍ତି ବୋଲି କମ୍ପାନୀର ମୁଖ୍ୟ କହିଛନ୍ତି। ଏହି ଅବସରରେ କମ୍ପାନୀର ମାନବସମ୍ବଳ ଅଧିକାରୀ ସୁମିତ କୁମାର ସେନାପତିଙ୍କ ସମେତ ବହୁ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ପାରାଦୀପ:** ପାରାଦୀପ ଗଡ଼ ମହିଳା ମହାସଂଘ ଆନୁକୂଲ୍ୟରେ ଆର୍ନ୍ତଜାତୀୟ ମହିଳା ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମହିଳା ସମାବେଶରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ତୈଳ ବିଶୋଧନାଗାରରେ କାର୍ଯ୍ୟରତ କବୟିତ୍ରୀ ରିନା ବେହେରା, ଇଲା ପଣ୍ଡା ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ଅଧିକାରୀ ହେମଲତା ମହାନ୍ତ, ୱାଡର୍ ସଭ୍ୟ ସେକ୍ ସାମସୁଦ୍ଦିନ (ମୁନା) ଯୋଗଦେଇଥିଲେ। ପ୍ରଥମେ ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର, ଟ୍ରଫି ଓ ମେଡାଲ ପ୍ରଦାନ କରଯାଇଥିଲା। ଏମ୍‌ବିକେ କଳ୍ପନା ମହାପାତ୍ର ସଭାପତିତ୍ୱ କରିଥିବା ବେଳେ ମିଲି ମଲ୍ଲିକ ଧନ୍ୟବାଦ୍ ପ୍ରଦାନ କରିଥିଲେ। ସୁଜାତା ସାହୁ, ସ୍ୱପ୍ନାରାଣୀ ସେନାପତି, ସତ୍ୟଭମା ସ୍ୱାଇଁ, ମିନାକ୍ଷୀ ସ୍ୱାଇଁ, ହେମଲତା ଖଟୁଆ, ହାରାମଣି ସୁତାର, ରେବତୀ ସ୍ୱାଇଁ, କଳ୍ପନା ଦଳାଇ, ରଞ୍ଜିତା ସାହୁ, ସଂଘମିତ୍ରା ମହାପାତ୍ର, ପ୍ରଭାତ ସାହୁ, ରମେଶ ବେହେରା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ବେଲତଳ ସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ,୧୦।୩(ସମିସ): ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ବେଲତଳ ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ଭଳଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷକ ବିଶ୍ୱରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ ମୁଖ୍ୟଅତିଥି, କାଉନସିଲର ଗୋପୀବଲ୍ଲଭ ନାୟକ ମୁଖ୍ୟବକ୍ତା, କେନ୍ଦ୍ରାପଡ଼ା ବ୍ଲକ ପ୍ରାକ୍ତନ ଶିକ୍ଷାଧିକାରୀ ପାବନୀ ରାଉତ, ସିଆରସିସି ମଳୟ ଜେନା ଓ ସଂଘମିତ୍ରା ନାୟକ, ମୋ ସ୍କୁଲ ଅଭିଯାନ ସଭାପତି ଗୋପୀନାଥ ତ୍ରିପାଠୀ, ଶିକ୍ଷକନେତା ପ୍ରେମାନନ୍ଦ ଜୀବନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିକ୍ଷୟିତ୍ରୀ ଆରତୀ ଭଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଇଭା ଦାସ ସ୍ୱାଗତ ଭାଷଣ ଓ କୃପାସିନ୍ଧୁ ନାୟକ ଅତିଥ ଠପରିଚୟ ପ୍ରଦାନ କରିଥିଲେ। ଗୌତମ ସାହୁ ଧନ୍ୟବାଦ ଦେଇଥିବାବେଳେ କାର୍ଯ୍ୟକ୍ରମକୁ ରାଜଶ୍ରୀ ତ୍ରିପାଠୀ ଓ ସୁମିତ୍ରା ଓରାମ ପରିଚାଳନା କରିଥିଲେ।

## ବାଲିଆ ହାଇସ୍କୁଲ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ

ଡେରାବିଶ, ୧୦।୩(ସମିସ): କେନ୍ଦ୍ରାପଡ଼ା ବ୍ଲକ୍ ଭାଗବତପୁର ପଞ୍ଚାୟତ ବାଲିଆ ସରକାରୀ ଉଚ୍ଚ ବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ବିଦ୍ୟାଳୟର ୧୯୮୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉମାକାନ୍ତ ସ୍ୱାଇଁ, ପ୍ରମୋଦ ବେହେରା, ସମୀର ସାମଲ, ପ୍ରକାଶ ରାଉତଙ୍କ ଉଦ୍ୟମରେ ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ ପ୍ରଧାନ, କୈଳାସ ଦାସ, ବିକାଶ ମଲ୍ଲ, ବିଭୂତି ବରାଳ ପ୍ରମୁଖଙ୍କ ସହଯୋଗରେ ୭୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ମାନସ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବନ୍ଧୁବାନ୍ଧବୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ବ୍ୟାଚ୍‌ର ଛାତ୍ରୀ ପ୍ରମିଳା ସାହୁ, ଚିତ୍ରରେଖା ଜେନା, ଜୟଶ୍ରୀ ପଣ୍ଡା, କୁନି ବାରିକ, ନିବେଦିତା ମହାନ୍ତି, ସ୍ୱର୍ଣ୍ଣଲତା ମହାପାତ୍ର, ଦୀପ୍ତିମୟୀ ପାଲ, ବିଜୟଲକ୍ଷ୍ମୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ମହିଳା ଦିବସ

କେନ୍ଦ୍ରାପଡ଼ା,୧୦।୩(ସମିସ): ତୁଳସୀ ମହିଳା ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡ. ବାସନ୍ତୀ ଶୁକ୍ଳାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନାରୀ ସଶକ୍ତୀକରଣ ଓ ସମାଜ ଗଠନରେ ନାରୀଙ୍କ ଭୂମିକା ବିଷୟରେ ଆଲୋଚନା ହୋଇଥିଲା। ଅଧ୍ୟକ୍ଷା ଡ. ବାସନ୍ତୀ ଶୁକ୍ଳା କହିଥିଲେ, ନାରୀ ନିଜର ଆତ୍ମବିଶ୍ୱାସ, ସାହସ ଓ କାର୍ଯ୍ୟଦକ୍ଷତା ଦ୍ୱାରା ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଅର୍ଜନ କରିପାରିବେ। ଓଡ଼ିଆ ବିଭାଗ ମୁଖ୍ୟ ପ୍ରାଧାପିକା ଡ. ଏଲୋରା କବି କହିଥିଲେ ଯେ, ଯେଉଁ ସମାଜରେ ନାରୀ ସୁରକ୍ଷିତ ଓ ସମ୍ମାନିତ, ସେହି ସମାଜର ଅବଶ୍ୟ ଉନ୍ନତି ଘଟେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ସବିତା ଦାସ କହିଥିଲେ, ସୁନ୍ଦର ଓ ସୁସ୍ଥ ସମାଜ ଗଠନରେ ନାରୀଙ୍କ ଭୂମିକା ଅତ୍ୟନ୍ତ ମୂଲ୍ୟବାନ। ଇଂରାଜୀ ବିଭାଗ ମୁଖ୍ୟ ପ୍ରଫେସର ତପନ ଦାସ କହିଥିଲେ, କନ୍ୟା, ଭଗିନୀ, ଜାୟା ଓ ମା' ରୂପରେ ନାରୀ ସଦା ବନ୍ଦନୀୟା। ଆଇକ୍ୟୁଏସି ସେଲର ସଂଯୋଜିକା ଡ. ଏରିକା ମହାନ୍ତି ମହିଳା ଦିବସର ଐତିହ୍ୟ ଓ ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ଗଣିତ ବିଭାଗ ମୁଖ୍ୟ ପ୍ରଫେସର ନିବେଦିତା ନାୟକ ଚଳିତ ବର୍ଷର ମହିଳା ଦିବସ ଥିମ୍ ସମ୍ପର୍କରେ ଉପସ୍ଥିତ ଛାତ୍ରୀଙ୍କୁ ସଚେତନ କରିଥିଲେ।

## ଲୋକନାଥ ଚୌଧୁରୀଙ୍କ ସ୍ମୃତିଦିବସ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର,୧୦।୩(ସମିସ): ସାମ୍ୟବାଦୀ ଆନ୍ଦୋଳନର ପ୍ରମୁଖ ନେତା ତଥା ଜଗତସିଂହପୁର ପୂର୍ବତନ ସାଂସଦ, ଏରସମା ନିର୍ବାଚନ ମଣ୍ଡଳୀର ୪ଥର ବିଧାୟକ ଲୋକନାଥ ଚୌଧୁରୀଙ୍କ ୨୩ତମ ଶ୍ରାଦ୍ଧ ବାର୍ଷିକ ପାଳନ ପାଇଁ ତାଙ୍କ କର୍ମ ଭୂମି ଏରସମାର ମହିମା ଆଶ୍ରମ ପରିସରରେ ସମାଜସେବୀ ରବୀନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ କମ୍ୟୁନିଷ୍ଟ ନେତା ଶଶୀଭୂଷଣ ସ୍ୱାଇଁ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କମ୍ରେଡ ଲୋକନାଥ ଚୌଧୁରୀଙ୍କ ପାଇଁ ଏରସମା ସାରା ଓଡ଼ିଶାରେ ଗୌରବାନ୍ୱିତ ହୋଇଥିବା ସହିତ ତାଙ୍କର ତିରୋଧାନ ଦିବସରେ ଏରସମାବାସୀ ଗଭୀର ଶ୍ରଦ୍ଧା ସୁମନ ଅର୍ପଣ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏଥିରେ ବରିଷ୍ଠ ଆଇନଜୀବୀ ଡ. ବୀର ନାରାୟଣ ପାତ୍ର, ବରିଷ୍ଠ ବିଜେଡି ନେତା ବିଜୟ ପାଲ, ଏରସମା ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ବସନ୍ତ ମଞ୍ଜରୀ ଦାସ, ମହେଶ୍ୱର ସ୍ୱାଇଁ, ଅଧ୍ୟାପକ ସଞ୍ଜୟ ବିଶ୍ୱାଳ, ସନ୍ଧ୍ୟାରାଣୀ କୁଅଁର, ଦେବଜାନୀ ସେଠୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଲୋକନାଥଚୌଧୁରୀସ୍ମୃତିକମିଟିସମ୍ପାଦକଅରୁଣବେହେରାଧନ୍ୟବାଦଅର୍ପଣକରିଥିଲେ।

## ଶିକ୍ଷା, ସାହିତ୍ୟ ଓ ସଂସ୍କୃତିର ନିଆରା ସାଧକ ଶିକ୍ଷକ ଦମ୍ପତି

କୁଜଙ୍ଗ,୧୦।୩(ସମିସ): କୁଜଙ୍ଗ ବ୍ଲକ ଫତେପୁର ନିବାସୀ କବି ନବୀନ କୁମାର ପ୍ରଧାନ ଶିକ୍ଷା ଜଗତର ଏକ ପ୍ରମୁଖ ଚେହେରା। କୁଜଙ୍ଗ ବ୍ଲକ ପ୍ରାକ୍ତନ ସ୍କୁଲ୍ ଏସଆଇ ରୂପେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଆଜି ବେସରକାରୀ ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ପ୍ରମୁଖ ଭୂମିକା ନେଇଛି। ମାତ୍ର ସେହି ସମୟରେ ବେସରକାରୀ ବିଦ୍ୟାଳୟ ତତ୍ତ୍ୱ ଏତେ ପ୍ରଚଳିତ ନଥିଲା। ସେହି ସମୟରେ ଜଣେ ସୁନାମଧନ୍ୟ ଶିକ୍ଷକ ଭାବରେ ସରକାରୀ ସ୍କୁଲ୍‌ରେ ନିଜ ପାଇଁ ସଫଳତା ଆଣିବା ସହ ବହୁ ସଫଳ ଛାତ୍ର ତିଆରି କରିବାରେ ଓ ପ୍ରଶିକ୍ଷକ ଶିକ୍ଷକ ଭାବରେ ସୁନାମ ଅର୍ଜନ କରିଛନ୍ତି। କେବଳ ସେତିକି ନୁହେଁ ଶିକ୍ଷା ସହ ସାହିତ୍ୟ ସାଧନା, ପରିବେଶ ସୁରକ୍ଷା ପାଇଁ ନବୀନ ସାରଙ୍କ ସହ ଶିକ୍ଷୟିତ୍ରୀ ପତ୍ନୀ ଜ୍ୟୋତ୍ସ୍ନାରାଣୀ ପ୍ରଧାନ ଜଣେ ସହଯୋଗୀ ହୋଇ କାମ କରି ଆସୁଛନ୍ତି। ଗ୍ରାମରେ ହରି ହାଟ ଠାରୁ ଆରମ୍ଭ କରି ଅନେକ ସାହିତ୍ୟ ସଭାରେ ଏହି ଶିକ୍ଷକ ଦମ୍ପତିଙ୍କୁ ଦେଖିବାକୁ ମିଳେ। ଆଜି ଯେତେବଳେ ସାମାନ୍ୟ କଥାରେ ଉଚ୍ଚ ଶିକ୍ଷିତ ଅର୍ଥିକ ସମୃଦ୍ଧ ନବ ଦମ୍ପତିଙ୍କ ବିବାହ ବିଚ୍ଛେଦ ଏକ ନିତି ଦିନିଆ ଘଟଣା ହେଲାଣି ସେହି ସମୟ ରେ ଏହି ଦମ୍ପତି ଆଜି ବିବାହର ପଚାଶ ବର୍ଷ ପାଳନ କରିବା ଯୁବ ବର୍ଗଙ୍କ ପାଇଁ ଆଦର୍ଶ ବୋଲି କୁହନ୍ତି ଶିକ୍ଷାବିତ ଉପେନ୍ଦ୍ର ନାଥ ମିଶ୍ର। ପ୍ରେମ କରି ବିବାହ କରିବା ଯେତିକି ବଡ଼ କଥା ନୁହେଁ; ପ୍ରେମକୁ ପାରିବାର ସଦସ୍ୟ କରିବା, ବୃତ୍ତି ଏକ ଅଙ୍ଗ କରିବା, ସାଧନା ଏକ ବ୍ରତ କରିବା ତାହା ସମାଜ ତଥା ଅଞ୍ଚଳ ପାଇଁ ବଡ଼ କଥା ବୋଲି କୁହନ୍ତି ଶିକ୍ଷାବିତ ଗଙ୍ଗାଧର ସାମନ୍ତରାୟ।



## ଗଲ୍ଫ ପଡ଼ିଆରେ ଆଦିବାସୀ ମହୋତ୍ସବ

ପାରାଦୀପ,୧୦।୩(ସମିସ): ପାରାଦୀପ ଗଲ୍ଫ କୋର୍ସ ପରିସରରେ ଆଦିବାସୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବକୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଏସି ସାହୁ, ବନ୍ଦର ସଚିବ ବାପୁ ରାଜୁ ଜି, ମୁଖ୍ୟ ଅର୍ଥ ପରାମର୍ଶଦାତା ଏକେ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଆଦିବାସୀ ସଂସ୍କୃତି, ପରମ୍ପରାକୁ ପାରଦୀପ ବନ୍ଦର ସବୁବେଳେ ଗୁରୁତ୍ୱ ଦେଇ ଆସିଛି। ପ୍ରତ୍ୟେକ ବର୍ଷ ଆଦିବାସୀ ଭାଇଭଉଣୀଙ୍କ ମଧ୍ୟରେ ଏକତା, ପରମ୍ପରା ଓ ଭାଇଚାରା ବଜାଇ ରଖିବା ପାଇଁ ଆଦିବାସୀ ମହୋତ୍ସବର ଆୟୋଜନ କରାଯାଇଥାଏ। ଚଳିତ ବର୍ଷ ଧନୁ ଶର ପ୍ରତିଯୋଗିତା, ଆଦିବାସୀ ନୃତ୍ୟ ଓ ମହିଳାଙ୍କ ମଧ୍ୟରେ ହାଣ୍ଡିବାଡିଆ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବନ୍ଦର ସହର ପାରାଦୀପ ଅଞ୍ଚଳରେ ଥିବା ଆଦିବାସୀ ଭାଇଭଉଣୀମାନେ ବହୁ ସଂଖ୍ୟାରେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ।



## ହୃଦ୍‌ଘାତରେ ବ୍ୟବସାୟୀଙ୍କ ମୃତ୍ୟୁ



ଡେରାବିଶ, ୧୦।୩(ସମିସ): ଡେରାବିଶ ବ୍ଲକ୍ ଅନ୍ତର୍ଗତ ଚାନ୍ଦୋଳ ବଜାରର ଲୁଗା ବ୍ୟବସାୟୀ ଘନଶ୍ୟାମ ସାହୁ (୬୩)ଙ୍କ ରବିବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଗତକାଲି ରାତିରେ ସେ ଚାନ୍ଦୋଳ ପଞ୍ଚାୟତ ଅନ୍ତର୍ଗତ ପଥରପଡ଼ାସ୍ଥ ବାସଭବନରେ ଭାରତ ଓ ନ୍ୟୁଜିଲାଣ୍ଡ କ୍ରିକେଟ୍ ମ୍ୟାଚ୍ ଟିଭିରେ ଦେଖୁଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ସକାଳୁ ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବ୍ୟବସାୟୀ ମହଲରେ ଶୋକର ଛାୟା ଖେଳିଯାଇଛି।

## ସାମୁଦ୍ରିକ ପ୍ରାଣୀ ସଂରକ୍ଷଣ ସଚେତନତା



ରାଜନଗର,୧୦।୩(ସମିସ): କନିକା ବନାଞ୍ଚଳ ଅଧୀନରେ ଥିବା ଡାଙ୍ଗମାଳସ୍ଥ ଭିତରକନିକା ଜାତୀୟ ଉଦ୍ୟାନ ପରିସରରେ ସାମୁଦ୍ରିକ ପ୍ରାଣୀ ସଂରକ୍ଷଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିପରି ସାମୁଦ୍ରିକ ଜୀବଙ୍କ ସୁରକ୍ଷା ହୋଇପାରିବ, ସେ ଦିଗ ପ୍ରତି ବିଶେଷ ଆଲୋକପାତ କରାଯାଇଛି। କାର୍ଯ୍ୟକ୍ରମରେ ଡିସିଏଫ୍ ଅରବିନ୍ଦ ମିଶ୍ର, ସହକାରୀ ବନ ସଂରକ୍ଷକ ମାନସ ଦାସ, ରିସର୍ଚ୍ଚ ଆସିଷ୍ଟାଣ୍ଟ ପ୍ରସନ୍ନ ନାୟକ ପ୍ରମୁଖ ଯୋଗଦେଇ ସାମୁଦ୍ରିକ ପ୍ରାଣୀଙ୍କୁ ସୁରକ୍ଷା ଦେବା ସହିତ ସେମାନଙ୍କ କୌଣସି କ୍ଷତି ନ କରିବା ପାଇଁ ଶପଥ ନେଇଥିଲେ। ଏଥିରେ ସ୍ଥାନୀୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ସ୍ଥାନୀୟ ମତ୍ସ୍ୟଜୀବୀ, ସ୍କୁଲ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସମେତ ବନ ବିଭାଗ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

## ସୋହମ ସାହିତ୍ୟାନୁଷ୍ଠାନର କବିତା ଆସର

ପଟ୍ଟାମୁଣ୍ଡାଇ,୧୦।୩(ସମିସ): ପଟ୍ଟାମୁଣ୍ଡାଇର ଅଗ୍ରଣୀ ସାହିତ୍ୟାନୁଷ୍ଠାନ ସୋହମ ପକ୍ଷରୁ 'ବୋଉ' ଶୀର୍ଷକ କବିତା ପାଠୋତ୍ସବ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସୋହମର ସଭାପତି କବି ଡ. ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ପ୍ରାବନ୍ଧିକ ପ୍ରାଧାପକ ଡ. ନୀଳମଣି ଲେଙ୍କା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସଙ୍ଗୀତ ଗୁରୁ ରବୀନ୍ଦ୍ରନାଥ ମିଶ୍ର ଯୋଗଦେଇ 'ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ'ର ବ୍ୟାଖ୍ୟା କରିଥିଲେ। କବି ଗୌରହରି ବିଶ୍ୱାଳସମ୍ମାନିତଅତିଥିଭାବେଯୋଗଦେଇଥିଲେ। କବି ଅଧ୍ୟାପିକା ଡଃ ଚିତ୍ରାକାନ୍ତୀ ସେଠୀଙ୍କ ସଂଯୋଜନାରେ 'ବୋଉ' ଶୀର୍ଷକ କବିତା ଆସରରେ କବି ସମ୍ବିତ ଦାଶ, ଡ. ସନ୍ତୋଷ କାନୁନଗୋ, ଆଲୋକ ଛୋଟରାୟ, ଅଜୟ ରାଉତ, ସ୍ୱାଗତିକା ଦାଶ, ଆଦ୍ୟାଶା ଚୌଧୁରୀ, ରମାକାନ୍ତ ରଥ, ସନ୍ତୋଷିନୀ ଦାଶ ଓ ଚନ୍ଦନ ମାଝି ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଶ୍ୟାମସୁନ୍ଦର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।



# ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପାଇଁ ଲଟେରୀ ଉଠାଣ

କୁଜଙ୍ଗ,୧୦।୩(ସମିସ)




କୁଜଙ୍ଗ ବ୍ଲକ କାଳିଆପାଟ ଠାରେ ସ୍ଥାନୀୟ କାଳିଆପାଟ ସାଂସ୍କୃତିକ ମଞ୍ଚ ପକ୍ଷରୁ ପ୍ରଥମ ବାର୍ଷିକ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ପାଇଁ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାପତି ଇଂ.ଜ୍ୟୋତିରଞ୍ଜନ ସାମଲଙ୍କ ଅଧ୍ୟକ୍ଷତା ଓ ପ୍ରତିଷ୍ଠିତ ମଞ୍ଚ ଅଭିନେତା ପ୍ରଭଞ୍ଜନ ମାଝୀ (ପପିନି)ଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ସାମଲ, କେଶବ ଚନ୍ଦ୍ର ମଙ୍ଗୁଆଳ, ଉପେନ୍ଦ୍ର ରାଉତ, ନାଟ୍ୟ ନିର୍ଦ୍ଦେଶକ ଅମୀୟ ସାମନ୍ତରାୟ, ପୂର୍ବତନ ସରପଞ୍ଚ ନନ୍ଦିନୀ ପଣ୍ଡା, ସାମ୍ବାଦିକ ଦୁଷ୍ମନ୍ତ ମାଝୀ, ମନୋଜ ପ୍ରଧାନ, ରଞ୍ଜିତ ପଣ୍ଡା, ସନ୍ତୋଷ ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆସନ୍ତା ଅପ୍ରେଲ ୨୮ ତାରିଖରୁ ଆରମ୍ଭ ହୋଇ ମେ' ୨ ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଦଳମାନଙ୍କ ମଧ୍ୟରେ ଲଟେରୀ ଉଠାଣ ହୋଇଥିଲା। ପ୍ରଥମ ରାତିରେ ରାଜଧାନୀ ରଙ୍ଗମଞ୍ଚ, ଭୁବନେଶ୍ୱର, ଦ୍ୱିତୀୟ ରାତ୍ରିରେ ମଞ୍ଚମଞ୍ଜୁଳ ନାଟ୍ୟ ସଂସଦ ଜଗତସିଂହପୁର 'ଏଇ ଆଖି କାନ୍ଦୁଚି ତୋରି ପାଇଁ', ତୃତୀୟ ରାତିରେ ମା'ଲକ୍ଷ୍ମୀ ନାରାୟଣ ନାଟ୍ୟ ସଂସଦ, କୁଆଖିଆ, ଯାଜପୁର, ଚତୁର୍ଥ ରଜନୀରେ ମା'ଭଟ୍ଟାରିକା ନାଟ୍ୟ ସଂସଦ ବଡମ୍ବା ନାଟକ 'କଟି କଟି ଡବଲ କଟି', ଅନ୍ତିମ ରାତିରେ ଓମ୍ ସାଇରାମ ନାଟ୍ୟ ପରିଷଦ ଭୁବନେଶ୍ୱର ପକ୍ଷରୁ ନାଟକ 'କାନ୍ଦେନା ଲୁହ ସରିଯିବ' ନାଟକ ପରିବେଷଣ କରାଯିବ ବୋଲି ସ୍ଥିର କରାଯାଇଥିଲା। କାଳିଆପାଟ ସାଂସ୍କୃତିକ ମଞ୍ଚର କାର୍ଯ୍ୟକାରୀ ସଭାପତି ମନୋଜ କୁମାର ବେହେରା, ସମ୍ପାଦକ ବିପ୍ଳବ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଡାକ୍ତର ପ୍ରସନ୍ନ କୁମାର ସାମଲ, ଶିଳ୍ପପତି ପ୍ରହ୍ଲାଦ ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ନନ୍ଦିନୀ ପଣ୍ଡା ପ୍ରମୁଖ ମଞ୍ଚର ଉପଦେଷ୍ଟା ରହିଥିବା ପ୍ରକାଶ କରାଯାଇଛି। ଏହି କାର୍ଯ୍ୟକ୍ରମରେ କାଳିଆପାଟ ସାଂସ୍କୃତିକ ମଞ୍ଚ ପକ୍ଷରୁ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

